**ସଂକ୍ଷେପରେ**

## ରୋଟାରି କ୍ଲବ ପକ୍ଷରୁ ଚାରା ରୋପଣ

ଜୟପୁର, ୨।୭ (ପବନ ପାଣିଗ୍ରାହୀ)- ରୋଟାରି କ୍ଲବ ଜୟପୁର ପ୍ରାଇଡର ନୂତନ ସଭାପତି ଅଶୋକ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଡାକ୍ତର ନମ୍ରତା ମାଝୀଙ୍କ ପ୍ରସ୍ତାବିତ ଚକ୍ଷୁ ହସ୍‌ପିଟାଲ ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଛି। କର୍ମକର୍ତ୍ତାମାନେ ବଉଳ, ଲିମ୍ବ, କୃଷ୍ଣଚୂଡ଼ା, ଅଁଳା ଓ ଆମ୍ବ ଚାରା ରୋପଣ କରିଥିଲେ। ଏଥିରେ ନୂତନ ସମ୍ପାଦକ ସୁରେଶ ପାଣିଗ୍ରାହୀ, ପୂର୍ବତନ ସଭାପତି ରାମ ସାହୁ, ରାମହରି ପଣ୍ଡା, ମୁରଲି ସାହୁ, ଲିଟି ପଣ୍ଡା ଏଫଏମ ହୃଷୀକେଶ, ପ୍ରଦୀପ ସାମନ୍ତରାୟ, ଦିନେଶ ପାତ୍ର, କୁନୁ ଦାସ, ସନ୍ତୋଷ ମହାପାତ୍ର, ରବି ନାରାୟଣ ନନ୍ଦ, ଆରତି ମିଶ୍ର, କିରଣ ଶତପଥୀ ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ଦିନରେ ରୋଟାରି କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର ଏବଂ ଚକ୍ଷୁ ଚିକିତ୍ସା ଶିବିର ଆଦି ଆୟୋଜନ କରାଯିବ ବୋଲି ସଭାପତି ମିଶ୍ର କହିଛନ୍ତି।

## ଆର୍‌ଏସ୍‌ଏସ୍ ପକ୍ଷରୁ ଗୁରୁଦକ୍ଷିଣା ଉତ୍ସବ



ଜୟପୁର,୨।୭(ପବନ ପାଣିଗ୍ରାହୀ )- ଜୟପୁର ନଗର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ୍)ପକ୍ଷରୁ ଗୁରୁପୂଜନ ଓ ଗୁରୁଦକ୍ଷିଣା ଉତ୍ସବ ଅନୁଷ୍ଠିତ ହୋଇଛି। ଶାରଦାବିହାରସ୍ଥିତ ଶିଶୁ ବିଦ୍ୟାମନ୍ଦିରଠାରେ ହୋଇଥିବା ଏହି ଉତ୍ସବରେ ବକ୍ତା ଭାବେ ଅରୁଣ ନାୟକ,ସମ୍ମାନିତ ଅତିଥି ରୂପେ ଯୋଗ ଶିକ୍ଷକ ପି. ତିରୁମଲା, ସହପ୍ରାନ୍ତ ବୌଦ୍ଧିକ ପ୍ରମୁଖ ଡ. ନିରଞ୍ଜନ ମିଶ୍ର ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ନଗର କାର୍ଯ୍ୟବାହ ବିଷ୍ଣୁ ପ୍ରସାଦ ସାହୁ ପରିଚାଳନା କରିଥିଲେ।

## ମାଥାଲପୁଟରେ ରାଷ୍ଟ୍ରୀୟ ରକ୍ତଶିକୁଳି ରୋଗ ନିରାକରଣ ମିଶନ ଆରମ୍ଭ

ଦାମନଯୋଡି,୨।୭ (ନରସିଂ ବ୍ରହ୍ମା)- କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରାଷ୍ଟ୍ରୀୟ ରକ୍ତଶିକୁଳିଜନିତ ରକ୍ତହୀନତା ନିରାକରଣ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପୂର୍ବରୁ ସ୍ୱାସ୍ଥ୍ୟକର୍ମୀ ସେମାନଙ୍କ ନାମ ରାଷ୍ଟ୍ରୀୟ ପୋର୍ଟାଲରେ ପଞ୍ଜୀକରଣ କରି ସେମାନଙ୍କ ରକ୍ତନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିଲେ। କୋରାପୁଟ ବ୍ଲକ ଜୋନ-୨ର ଜିଲା ପରିଷଦ ସଭ୍ୟ ମିହିର କୁଳଦୀପ ଅତିଥି ରୂପେ ଯୋଗଦେଇ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋ, ବିପିଏମ ନୂତନ ସିଂହ, ପିଏଚଇଓ ମକର ଜାନି ଓ ସୁପରଭାଇଜର ରାଧିକା ସୋରେନଙ୍କ ସହିତ ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ସମେତ ଦେଶର ୧୭ ରାଜ୍ୟର ୨୭୮ ଜିଲାରେ ଏହି ଅଭିଯାନ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟପ୍ରଦେଶରେ ଶନିବାର ଏହାର ଉଦଘାଟନ କରିଥିଲେ। ରକ୍ତଶିକୁଳି ଏକ ରକ୍ତଜନିତ ରୋଗ ଓ ଏହା ସାରା ଜୀବନ ରୋଗୀଙ୍କ ଉପରେ ପ୍ରଭାବ ପକାଇଥାଏ। ରକ୍ତହୀନତା ସହିତ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ମଧ୍ୟ ଏହାର କୁପ୍ରଭାବ ପଡିଥାଏ। ତେଣୁ ଏହି ରୋଗୀଙ୍କ ଚିହ୍ନଟ,ଯତ୍ନ ଓ ସଚେତନ କରି ଏହାର ନିରାକରଣ ଏହି ମିଶନର ଲକ୍ଷ୍ୟରହିଛି।

# ‘ମଧ୍ୟସ୍ଥତା ଏକ ସ୍ୱୟଂବୋଧ ଯାତ୍ରା’

**୫ ଦିନିଆ ମଧ୍ୟସ୍ଥତା ତାଲିମ କର୍ମଶାଳା ଉଦ୍‌ଯାପିତ**

ଜୟପୁର,୨।୭ (ପବନ ପାଣିଗ୍ରାହୀ)



ଉଦ୍‌ଯାପନୀ କର୍ମଶାଳାରେ ଉପସ୍ଥିତ ବିଚାରପତିମାନେ।

ଜୟପୁରରେ ୫ଦିନ ଧରି ଚାଲିଥିବା ମଧ୍ୟସ୍ଥତା କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ଉଚ୍ଚ ନ୍ୟାୟଳୟର ମଧ୍ୟସ୍ଥତା ମନିଟରିଂ କମିଟି ସଦସ୍ୟ ବିଚାରପତି ବିଶ୍ୱନାଥ ରଥ ଏବଂ ବିଚାରପତି କୃଷ୍ଣରାମ ମହାପାତ୍ର, ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଜଜ୍ ସତ୍ୟ ନାରାୟଣ ମିଶ୍ର, ମଧ୍ୟପ୍ରଦେଶର ବିଚାରପତି ଗିରିବାଲା ସିଂ, ମହାରାଷ୍ଟ୍ର ବିଚାରପତି ଏମ.କେ. ଜାଦବ, ଓଡ଼ିଶା ଆଇନ ସେବା ପ୍ରାଧିକରଣ ଉପସଚିବ ସ୍ମୃତି ରଞ୍ଜନ ମହାପାତ୍ର, ପ୍ରାଧିକରଣ ସଚିବ ସୁମନ ଜେନା ଏବଂ ଜୟପୁର ଓ କୋରାପୁଟ ଜିଲାର ବିଭିନ୍ନ ଓକିଲ ସଂଘର ଆଇନଜୀବୀମାନେ ଉପସ୍ଥିତ ଥିଲେ। ଜିଲା ଜଜ ମିଶ୍ର ୫ ଦିନ ଧରି ଚାଲିଥିବା ଏହି ମଧ୍ୟସ୍ଥତା ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ।

ମଧ୍ୟସ୍ଥତା ପ୍ରଣାଳୀ ଦ୍ୱାରା ବିଭିନ୍ନ ବିବାଦଗୁଡ଼ିକର ସମାଧାନ ଅତି ସରଳ ଓ ସୁବିଧାରେ ହୋଇଥାଏ ବୋଲି ବିଚାରପତି ବିଶ୍ୱନାଥ ରଥ କହିଥିଲେ। ଜଣେ ତାଲିମପ୍ରାପ୍ତ ମଧ୍ୟସ୍ଥ ବିବାଦର ଅକୁହା କଥାକୁ ଶୁଣିପାରନ୍ତି। ସେ ନିଜ ଅଭିଜ୍ଞତାକୁ ବିବାଦର ସମାଧାନ ସକାଶେ ସଠିକ ଉପଯୋଗ କରିପାରିବେ ବୋଲି ବିଚାରପତି କୃଷ୍ଣରାମ ମହାପାତ୍ର ପ୍ରକାଶ କରିଥିଲେ।

ମଧ୍ୟପ୍ରଦେଶ ବିଚାରପତି ଗିରିବାଲା ସିଂ ନିଜ ବକ୍ତବ୍ୟରେ କହିଥିଲେ, ମଧ୍ୟସ୍ଥତା ଏକ ସ୍ୱୟଂବୋଧ ଯାତ୍ରା। ସଠିକ ବିବାଦଗୁଡ଼ିକ ମଧ୍ୟସ୍ଥତା ପାଇଁ ପ୍ରେରଣ ହେବା ଉଚିତ ବୋଲି କହିଥିଲେ। ବିଚାରପତି ତଥା ପ୍ରଶିକ୍ଷକ ମଧ୍ୟସ୍ଥତା ଏବଂ ସମନ୍ୱୟ ପ୍ରକଳ୍ପ କମିଟି, ମହାରାଷ୍ଟ୍ରର ଏମ.କେ. ଜାଦବ ଏହି ୫ ଦିନିଆ ତାଲିମ କାର୍ମଶାଳାରେ ନିଜ ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରିଥିଲେ। ତାଲିମପ୍ରାପ୍ତ ଆଇନଜୀବୀମାନଙ୍କୁ ଏହି ତାଲିମର ସଠିକ ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ।

ତାଲିମପ୍ରାପ୍ତ ଆଇନଜୀବୀଙ୍କ ମଧ୍ୟରୁ ଆଇନଜୀବୀ ଅଶୋକ ଷଡଙ୍ଗୀ ଓ ଶୁଭ୍ରା ପଣ୍ଡା ନିଜ ଅଭଜ୍ଞତା ସମ୍ପର୍କରେ ମତ ରଖିଥିଲେ। ପରିବାର ଅଦାଲତର ବିଚାରପତି ଡକ୍ଟର ପବିତ୍ର ମୋହନ ସାମଲ ଧନ୍ୟବାଦ ଦେଇଥିଲେ।

# ସବୁଜବଳୟ ଲକ୍ଷ୍ୟରେ ଚାରା ବଣ୍ଟନ

କୋରାପୁଟ/ଜୟପୁର,୨।୭(ଅମିତାଭ ବେହେରା/ପବନ ପାଣିଗ୍ରାହୀ)

- ୭୪ତମ ବନ ମହୋତ୍ସବ ସପ୍ତାହ
- ସବୁ ବ୍ଲକ ବୁଲିବ ସଚେତନତା ରଥ

କୋରାପୁଟଠାରେ ୭୪ତମ ବନ ମହୋତ୍ସବ ସପ୍ତାହ ଆରମ୍ଭ ହୋଇଛି। ସବୁଜ ବଳୟ ସୃଷ୍ଟି କରିବା ନେଇ ଗୁରୁତ୍ୱାରୋପ କରାଯାଇ ଲୋକଙ୍କୁ ବିଭିନ୍ନ ଔଷଧୀୟ ବୃକ୍ଷର ଚାରା ବଣ୍ଟନ କରାଯାଇଛି । ସ୍ଥାନୀୟ ଟ୍ରାଫିକ ଛକଠାରେ ଥିବା ପୁରୁଣା ରେଞ୍ଜ କାର୍ଯ୍ୟାଳୟ ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଏଫଓ ଅମିତାରାଣୀ ରାୟ ଯୋଗଦେଇ ବନ ମହୋତ୍ସବ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ଅସ୍ଥାୟୀ ଚାରା ବଣ୍ଟନ ଶିବିର କରାଯାଇ ଜିଲାରେ ସବୁଜ ବଳୟ ସୃଷ୍ଟି ଉଦ୍ଦେଶ୍ୟରେ ଜନସାଧାରଣଙ୍କୁ ମାଗଣାରେ ବିଭିନ୍ନ ଚାରା ପ୍ରଦାନ କରାଯାଇଥିଲା । ପରିବେଶ ସୁରକ୍ଷା ନେଇ ଏକ ସଚେତନତା ରଥକୁ ମଧ୍ୟ ଡିଏଫଓ ରାୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଜଙ୍ଗଲକୁ କିଭଳି ସୁରକ୍ଷା କରାଯାଇ ପରିବେଶ ରକ୍ଷା କରାଯାଇପାରିବ ସେ ନେଇ ୭ ଦିନ ଧରି ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ସଚେତନ କରିବ। ଏହି ଅବସରରେ ବନ ସୁରକ୍ଷା ଲାଗି ବନ ଅଧିକାରୀ ଓ କର୍ମଚାରୀମାନଙ୍କୁ ରାୟ ଶପଥ ପାଠ କରାଇଥିଲେ । ଏସସିଏଫ ଉମା ମହେଶ ବନାଞ୍ଚଳ ଅଧିକାରୀ ରୋହିତ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବନ ମହୋତ୍ସବ ସପ୍ତାହ ଅବସରରେ ବନ ବିଭାଗ ପକ୍ଷରୁ ଆଇଆରବି ବାଟାଲୟନ ନିକଟସ୍ଥ ପାହାଡରେ ଡିଏଫଓଙ୍କ ଉପସ୍ଥିତିରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା ।

ସେହିପରି ଜୟପୁର ବନାଞ୍ଚଳ ପକ୍ଷରୁ ମଧ୍ୟ ୭୪ତମ ବନ ମହୋତ୍ସବ ପାଳିତ ହୋଇଛି। ଜୟପୁର ବ୍ଲକ ଅନ୍ତର୍ଗତ କେବିଡି ପଞ୍ଚାୟତର ବିନ୍ଧାଣିଗୁଡା ଏବଂ ପ୍ରଧାନିଗୁଡାରେ ବନ ମହୋତ୍ସବ ପାଳିତ ହୋଇଥିଲା। ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡାଙ୍କ ତତ୍ତ୍ୱାବଧାନରେ ଅଳାଁ, ବାହାଡା, ଜାମୁ, ଶିଶୁ, ଅର୍ଜୁନ ଆଦି ଔଷଧୀୟ ଚାରାରୋପଣ କରାଯାଇଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ଗ୍ରାମ ବିକାଶ ସଙ୍ଗଠନର କର୍ମକର୍ତ୍ତାମାନେ ମଧ୍ୟ ସାମିଲ ହୋଇଥିଲେ।



ଡିଏଫଓ ସବୁଜ ପତାକା ଦେଖାଇ ସଚେତନତା ରଥକୁ ଉଦ୍‌ଘାଟନ କରୁଛନ୍ତି।

# ଝାଡାବାନ୍ତି ଆକ୍ରାନ୍ତଙ୍କ ମଧ୍ୟରୁ ଆଉ ଜଣଙ୍କର ମୃତ୍ୟୁ

ପଟ୍ଟାଙ୍ଗି,୨।୭(ଶରତ ଧଳ)

**ମୃତ୍ୟୁ ସଂଖ୍ୟା ୨ ହେଲା**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ତଳଗୋଲୁର ପଞ୍ଚାୟତର ମେଟାପାଡୁ ଗ୍ରାମରେ ଦେଖାଦେଇଥିବା ଝାଡାବାନ୍ତିରେ ଚିକିତ୍ସାଧୀନ ଥିବା ଜଣେ ରୋଗୀଙ୍କ ରବିବାର ମୃତ୍ୟୁ ହୋଇଛି। ତାଙ୍କ ନାମ ଜାନି ମାଲାମା। ସେ ପଟ୍ଟାଙ୍ଗି ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ମାଲାମାଙ୍କୁ ମିଶାଇ ଝାଡାବାନ୍ତିରେ ମୃତ୍ୟୁ ସଂଖ୍ୟା ୨ରେ ପହଞ୍ଚିଛି। ପୂର୍ବରୁ ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିଲା।

ଖବରରୁ ଜଣାପଡିଛି, ମେଟାପାଡୁ ଗ୍ରାମରେ ଝାଡାବାନ୍ତିରେ ଗୋଲରି ବୁଦ୍ରାୟାଙ୍କ ମୃତ୍ୟୁ ହେବାରୁ ଅନ୍ୟ ୫ଜଣ ଆକ୍ରାନ୍ତଙ୍କୁ ସୁଙ୍କି ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ପଟ୍ଟାଙ୍ଗି ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଗୋଲରି ପେଣ୍ଡାୟା ଏବଂ ଜାନି ମାଲାମାଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ୩୦ ତାରିଖ ରାତିରେ କୋରାପୁଟ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲେ ସୁଦ୍ଧା ସେମାନେ କୋରାପୁଟ ଯିବାକୁ ରାଜି ହୋଇ ନ ଥିଲେ। ଫଳରେ ସେମାନଙ୍କ ଚିକିତ୍ସା ପଟ୍ଟାଙ୍ଗି ଡାକ୍ତରଖାନାରେ ଜାରି ରହିଥିଲା। ରବିବାର ମାଲାମାଙ୍କ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ଗୁରୁତର ଗୋଲରି ଜିଲା ଚିକିତ୍ସାଳୟକୁ ଯିବାକୁ ରାଜି ନ ହେବା ନେଇ ଡାକ୍ତରମାନେ ଚିନ୍ତା ପ୍ରକଟ କରିଛନ୍ତି। ଝାଡାବାନ୍ତି ଯେପରି ଅଧିକ ନ ବ୍ୟାପେ ସେଥିପାଇଁ ମେଟାପାଡୁ ଗ୍ରାମରେ ଜିଲା ପ୍ରଶାସନ ପକ୍ଷରୁ ଗୋଟିଏ ଏବଂ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଗୋଟିଏ ଡାକ୍ତରୀ ଦଳ ରହି ଗ୍ରାମବାସୀଙ୍କ ଚିକିତ୍ସା କରିବା ସହ ତଦାରଖ ଜାରି ରଖିଛନ୍ତି। ଦୁଇଦିନ ହେଲା ଗ୍ରାମରେ ରହି ସେବା ଯୋଗାଉଥିବା ଏହି ଡାକ୍ତରୀଦଳ ଆସନ୍ତା ୭ ତାରିଖ ଯାଏ ରହିବେ ବୋଲି ଡାକ୍ତର ଭାଗବତ ମୁର୍ମୁ କହିଛନ୍ତି। ସେ ନିୟୋଜିତ ଡାକ୍ତରୀଦଳଙ୍କୁ ସମସ୍ତ ଦିଗକୁ ଦୃଷ୍ଟି ଦେବା ଏବଂ ଗ୍ରାମବାସୀଙ୍କୁ ସଚେତନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ପଟ୍ଟାଙ୍ଗି ଡାକ୍ତରଖାନାରେ ଜାନି ମାଲାମାଙ୍କ ମୃତ୍ୟୁ ପରେ ଆଉ ୪ଜଣ ଚିକିତ୍ସାଧୀନ ଅଛନ୍ତି।

## ଗୁଣି ଗାରେଡି ସନ୍ଦେହରେ ହତ୍ୟା ଘଟଣାରେ ୪ ଗିରଫ

ବୈପାରିଗୁଡା,୨।୭ (କଳ୍ପତରୁ ମହାନ୍ତି)

ଗୁଣି ଗାରେଡି କରିବା ସନ୍ଦେହରେ ହୋଇଥିବା ହତ୍ୟା ଘଟଣାର ତଦନ୍ତ କରି ବୈପାରିଗୁଡା ପୋଲିସ୍ ରବିବାର ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ରବିବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ କାଠପଡା ପଞ୍ଚାୟତର ଧନିବାଲସା ଗ୍ରାମରେ ଚଢାଉ କରାଯାଇଥିଲା। ନିଜ ନିଜ ଘରେ ଲୁଚିଥିବା ଅଭିଯୁକ୍ତମାନଙ୍କୁ ଧରିବାରେ ପୋଲିସ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ଆଦୁ ଖିଲ, ହରି ଖରା, ଡମ୍ବରୁ ଖରା ଏବଂ ଅର୍ଜୁନ ଖରା। ସମସ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଅଶ୍ୱିନ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଗ୍ରାମରେ ଗତ କିଛି ମାସ ହେବ ଅନେକ ଲୋକ ମୃତ୍ୟୁବରଣ କରିବା ପଛରେ ଏହାର କାରଣ ଗୁଣି ଗାରେଡି ବୋଲି ଲୋକେ ସନ୍ଦେହ କରୁଥିଲେ। ଏଥିପାଇଁ ଗ୍ରାମର ମହାଦେବ ଖରାଙ୍କୁ ସନ୍ଦେହ କରି ଉପରୋକ୍ତ ୪ ଜଣ ବ୍ୟକ୍ତି ଗତ ଶୁକ୍ରବାର ତାଙ୍କ ଉପରେ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏନେଇ ପରିବାର ଲୋକଙ୍କ ଅଭିଯୋଗ କ୍ରମେ କେସ୍ ନଂ. ୧୪୫/୨୩ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

## କଳାଗୁଡ଼ାରେ ଅବକାରୀ ଚଢ଼ାଉ

ଜୟପୁର, ୨।୭ (ପବନ ପାଣିଗ୍ରାହୀ)–

ଚୋରା ମଦ ବ୍ୟବସାୟୀମାନେ ଦେଶୀମଦ ପ୍ରସ୍ତୁତ କରି ଲୁଚାଇ ରଖିଥିବା ସୂଚନା ପାଇ ରବିବାର ଜୟପୁର ଅବକାରୀ ବିଭାଗ, ସଦର ପୋଲିସ ଓ ଇଆଇବି ବିଭାଗ କଳାଗୁଡାଠାରେ ମିଳିତ ଭାବେ ଚଢାଉ କରିଛି। ଏନେଇ ଆଗୁଆ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ଅବକାରୀ କର୍ମଚାରୀମାନେ ୮ ଶହ ଲିଟର ପୋଚ ଓ ୫୦ ଲିଟର ଦେଶୀ ମଦ ଜବତ କରି ଏହାକୁ ନଷ୍ଟ କରି ଦେଇଛନ୍ତି।

# ବିଜେଡି ବୈଠକରେ ଅସନ୍ତୋଷ ପ୍ରକାଶ କଲେ ଜନ ପ୍ରତିନିଧି, କର୍ମୀ

ପଟ୍ଟାଙ୍ଗି,୨।୭(ଶରତ ଧଳ)


ବୈଠକରେ ଉପସ୍ଥିତ ଅତିଥିମାନେ କର୍ମୀଙ୍କ ସହ ଆଲୋଚନା କରୁଛନ୍ତି।

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ସାଙ୍ଗଠନିକ ବ୍ୟବସ୍ଥା ସୁଧାରିବା ନେଇ ସେତିକି ଚିନ୍ତା ଦେଖା ଦେଉଛି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକସ୍ଥିତ ମିନି ଷ୍ଟାଡିୟମ ପରିସରରେ ବସିଥିବା ବିଜେଡିର ସାଙ୍ଗଠନିକ ବୈଠକରେ। ଏଠାରେ କର୍ମୀମାନେ ସ୍ଥାନୀୟ ବିଡିଓଙ୍କ ମନୋମୁଖି କାରବାର ନେଇ ଅସନ୍ତୋଷ ପ୍ରକାଶ କରି ଯୋଗଦେଇଥିବା ପର୍ଯ୍ୟବେକ୍ଷକ ବାଲା ରାଏଙ୍କ ନିକଟରେ ବିଭିନ୍ନ ଅଭିଯୋଗ ଉଠାଇଥିଲେ। ରାଏ ଉପସ୍ଥିତ କର୍ମୀଙ୍କୁ ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା ଆରମ୍ଭ କରି କର୍ମୀମାନଙ୍କୁ ବିଭିନ୍ନ ବିଷୟ ପଚାରିଥିଲେ। ଏହି ସମୟରେ ସରପଞ୍ଚ, ସମିତିସଭ୍ୟା ସଭ୍ୟ ଓ କର୍ମୀମାନେ ଅସନ୍ତୋଷ ପ୍ରକାଶ କରି ସ୍ଥାନୀୟ ବିଡିଓଙ୍କ ବିରୋଧରେ ଅଭିଯୋଗ କରିଥିଲେ। ସେମାନେ କହିଥିଲେ, ବିଡ଼ିଓ ଏଠାରେ ଏକଛତ୍ରବାଦ କାର୍ଯ୍ୟ ଚଳାଇଛନ୍ତି। ବିଧାୟକ ଓ ବ୍ଲକ ଅଧ୍ୟକ୍ଷା ଥାଇ ମଧ୍ୟ କର୍ମୀ ଙ୍କୁ କୌଣସି କାମ ମିଳୁନାହିଁ । ପଞ୍ଚାୟତଗୁଡିକରେ ସରପଞ୍ଚଙ୍କ ଅଜାଣତରେ ବିଭିନ୍ନ କାର୍ଯ୍ୟ ହେଉଛି। ଏ ବିଷୟରେ ତାଙ୍କୁ ପଚାରିଲେ ସେ ସରପଞ୍ଚମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଏପରି ଅବ୍ୟବସ୍ଥା ସମ୍ପର୍କରେ ବିଧାୟକ ଅବଗତ ଥାଇ ମଧ୍ୟ ସେ ଚୁପ ରହୁଛନ୍ତି ବୋଲି ଉପସ୍ଥିତ ଜନପ୍ରତିନିଧି ଓ କର୍ମୀମାନେ ଅଭିଯୋଗ କରିଥିଲେ। ଏହାର ପ୍ରଭାବ ଆଗାମୀ ସାଧାରଣ ନିର୍ବାଚନ ବେଳେ ପଞ୍ଚାୟତ ଓ ଗ୍ରାମମାନଙ୍କରେ ପଡିବା ସମ୍ଭାବନା ରହିଛି ବୋଲି କର୍ମୀମାନେ ରାଏଙ୍କୁ କହିଥିଲେ। କର୍ମୀମାନଙ୍କଠାରୁ ସବୁ ଶୁଣିବା ପରେ ଏ ସମ୍ପର୍କରେ ଜିଲା ସାଙ୍ଗଠନିକ ଦାୟିତ୍ୱରେ ଥିବା ପ୍ରଣବ ପ୍ରକାଶ ଦାସଙ୍କ ସହ ଆଲୋଚନା କରି ପଦକ୍ଷେପ ନେବି। ନିଜ ନିଜ ମଧ୍ୟରେ କୌଣସି ମନାନ୍ତର ନ ରଖି ପରସ୍ପର ଦଳ ପାଇଁ କାର୍ଯ୍ୟ କରିବାକୁ ରାଏ ଉପସ୍ଥିତ ଜନ ପ୍ରତିନିଧି ଓ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ବିଧାୟକ ପିତମ ପାଢୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି , ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି , ଜିଲା ପରିଷଦ ସଭ୍ୟ ଲଇଚନ ଖରା ପ୍ରମୁଖ ଉପସ୍ଥିତ ଥିଲେ ।

# ସୁରକ୍ଷିତ ଗାଡ଼ିଚାଳନା ନେଇ ସଚେତନ କଲେ ଯୁବକ, ମହିଳା


ଯୁବଗୋଷ୍ଠୀ ଓ ମହିଳାମାନେ ହେଲମେଟ୍ ପିନ୍ଧିଥିବା ଜଣେ ବାଇକ୍ ଚାଳକଙ୍କୁ ଚକୋଲେଟ୍ ଦେଇ ସ୍ୱାଗତ କରୁଛନ୍ତି।

କୋରାପୁଟ,୨।୭(ଅମିତାଭ ବେହେରା)

**ସହର ପରିକ୍ରମା କଲା ସଚେତନତା ଶୋଭାଯାତ୍ରା**

କୋରାପୁଟ ସହରର ଯୁବ ବର୍ଗ ଓ ମହିଳାମାନଙ୍କୁ ନେଇ ରବିବାର ସଡକ ସୁରକ୍ଷା ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। କୋରାପୁଟ ସହର ଓ ଆଖପାଖ ଅଞ୍ଚଳରେ କିଛି ଦିନ ହେଲା ସଡକ ଦୁର୍ଘଟଣା ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି କୋରାପୁଟର ଯୁବ ସମାଜିକ କର୍ମୀ ଟି.କିରଣ କୁମାରଙ୍କ ତତ୍ତ୍ୱାବଧାନରେ ସଡକ ସୁରକ୍ଷା ସଚେତନତା ନେଇ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଟାଉନ ଥାନା ପୋଲିସ ଏଥିରେ ସାମିଲ ହୋଇ ଟ୍ରାଫିକ ନିୟମକୁ ଠିକ ରୂପେ ପାଳନ କରିବା, ମଦ୍ୟପାନ କରି ଗାଡି ନ ଚଳାଇବା, ଗାଡି ଚଳାଇବାବେଳେ ମୋବାଇଲ ବ୍ୟବହାର ନ କରିବା, ଗାଡି ଚଳାଇବାବେଳେ ସର୍ବଦା ହେଲମେଟ୍ ବ୍ୟବହାର କରିବା, ଦ୍ରୁତ ଗତିରେ ନ ଯିବା ନେଇ ଜନସାଧାରଣମାନଙ୍କୁ ଅବଗତ କରିଥିଲା। ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରୁ ଯୁବ ବର୍ଗ ଓ ମହିଳାମାନେ ସଚେତନତାମୂଳକ ବିଭିନ୍ନ ସ୍ଲୋଗାନ ଲିଖିତ । ପ୍ଲାକାର୍ଡମାନ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଟାଉନ ଥାନା ପରିସରରେ ଶୋଭାଯାତ୍ରା ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ଏସଡିପିଓ ମନୋଜ ପୁଜାରୀ, ଜିଲା ମହିଳା ବିଜେଡି ସଭାନେତ୍ରୀ ପାର୍ବତୀ ମସ୍ତି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିରସାନୀ ପ୍ରମୁଖ ଉପସ୍ଥିତ ରହି ହେଲମେଟ୍ ପିନ୍ଧିଥିବା ଗାଡି ଚାଳକଙ୍କୁ ଚକଲେଟ ଏବଂ ଯେଉଁ ଗାଡି ଚାଳକ ହେଲମେଟ୍ ପିନ୍ଧି ନ ଥିଲେ ସେମାନଙ୍କୁ ହେଲମେଟ୍‌ପିନ୍ଧି ଗାଡିଚଳାଇବାକୁ ପରାମର୍ଶ ଦେଇଥିଲେ। ଏହି ଶୋଭାଯାତ୍ରାରେ ଯମରାଜଙ୍କ ବେଶରେ ଜଣେ ଯୁବକ ଅଂଶଗ୍ରହଣ କରି ଲୋକଙ୍କୁ ଟ୍ରାଫିକ ନିୟମ ପାଳନ କରିବାକୁ ଗାଡି ଚାଳକଙ୍କୁ ପ୍ରବର୍ତ୍ତାଉଥିବା ଦେଖିବାକୁ ମିଳିଥିଲା।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 14-SBP-TRD-OT-2023-24 ତା.27.06.2023ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳର ବଡ଼ମାଳ ଷ୍ଟେସନ ଦ୍ୱାରା ସେବିତ (Served) OFBL ସାଇଡିଂ ଏକ୍ସଚେଞ୍ଜ ୟାର୍ଡର ଲାଇନ୍ ନଂ. 2 ଏବଂ 3ର ବିଦ୍ୟୁତିକରଣ।

ଆନୁମାନିକ ମୂଲ୍ୟ : ₹ 1,32,82,296.37, EMD : ₹2,16,400/-, କାର୍ଯ୍ୟ ଶେଷ ହେବା ଅବଧି: 08 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.07.2023ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-309/O/23-24

# ବ୍ୟାଟେରି ଚୋରିକରି ୪ ଗିରଫ, ୨୭ ବ୍ୟାଟେରି ଜବତ

ସୁନାବେଡା, ୨।୭ (କୃତ୍ତିବାସ ପ୍ରଧାନ)

ମୋବାଇଲ ବ୍ୟାଟେରି ଚୋରି ଅଭିଯୋଗରେ ସୁନାବେଡା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବିଏସ୍‌ଏନ୍‌ଏଲ୍ କଲୋନୀ ନିକଟରେ ରହୁଥିବା କେନ୍ଦ୍ରାପଡା ବଡହାଟ ଅଞ୍ଚଳର ସେଖ୍ ଇସଲାମ (୪୬), ସାଲୁର୍ ବାଙ୍ଗରାପେଣ୍ଟ ଅଞ୍ଚଳର ବି.ପ୍ରସାଦ ରାଓ (୪୨), କୋରାପୁଟ ପୁରୁଣା କମ୍ପାଉଣ୍ଡ ନିକଟସ୍ଥ ବାରିକ କଲୋନୀର ମନୋଜ ଖରା(୩୮) ଓ ରାଜୀବ କଲୋନୀ ଅଞ୍ଚଳର ବାବୁଲି ତୁରୁକ(୩୮)। ଏମାନଙ୍କଠାରୁ ୨୭ଟି ବ୍ୟାଟେରି ଜବତ ହୋଇଛି।

ଖବରରୁ ଜଣାପଡିଛି, ଗତ ମାସ ୨୦ ତାରିଖରେ ବି-ଜୋନ ଓ ଏଲ୍-ଜୋନର ବିଏସ୍‌ଏନ୍‌ଏଲ ଟାୱାର୍‌ରୁ ବ୍ୟାଟେରି ଚୋରି ହୋଇଥିଲା। ଏନେଇ ଜେଟିଓ ବସ୍ତୁଗଣେଶ ୨୯ ତାରିଖରେ ସୁନାବେଡା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ମାମଲା (୧୧୯/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲେ। ଏହି ଚୋରି ଘଟଣାରେ ଉପରୋକ୍ତ ୪ ଅଭିଯୁକ୍ତ ସମ୍ପୃକ୍ତ ଥିବା ସ୍ପଷ୍ଟ ହେବା ପରେ ସେମାନଙ୍କୁ ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ରାଉତ କହିଛନ୍ତି।


ଅଭିଯୁକ୍ତଙ୍କଠାରୁ ଜବତ ବ୍ୟାଟେରି।

# ଗାଁ ଦାଣ୍ଡରେ ଚାଲିଛି ପିଲାଙ୍କ ପ୍ରାକ୍‌ଶିକ୍ଷା

ନନ୍ଦପୁର, ୨।୭ (ଶଙ୍କର ପୂଜାରୀ)

- ୬ ବର୍ଷ ହେଲା ସରୁନି ଗଙ୍ଗାଗୁଡା ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ
- ଅଙ୍ଗନୱାଡି କେନ୍ଦ୍ର ସହାୟକ ତୁଲାଉଛନ୍ତି ଦାୟିତ୍ୱ
- ବ୍ଲକର ୧୭ ଅଙ୍ଗନୱାଡି କେନ୍ଦ୍ରର ଅବସ୍ଥା ସମାନ: ସିଡିପିଓ

୦ରୁ ୬ ବର୍ଷ ଯାଏ ପିଲାଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକରେ ପୁଷ୍ଟିକର ଖାଦ୍ୟ, ଶୈକ୍ଷିକ ବାତାବରଣରେ ପ୍ରାକ୍‌ଶିକ୍ଷା ପ୍ରଦାନ ନେଇ ସରକାର ବ୍ୟବସ୍ଥା କରିଛନ୍ତି। ଏହାକୁ ମହିଳା ଓ ଶିଶୁ ବିକାଶ ବିଭାଗ ପରିଚାଳନା କରୁଛି। ମାତ୍ର ନନ୍ଦପୁର ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବ୍ଲକର ଗୋଲୁର ପଞ୍ଚାୟତର ଗଙ୍ଗାଗୁଡା ଗ୍ରାମରେ କୋମଳମତି ୨୪ ଜଣ ଶିଶୁ ପ୍ରାକ୍‌ଶିକ୍ଷା ଅଙ୍ଗନୱାଡ଼ି କେନ୍ଦ୍ରର ସହାୟକଙ୍କ ଦ୍ୱାରା ଗାଁ ଦାଣ୍ଡରେ ନେଉଥିବା ଦେଖିବାକୁ ମିଳିଛି। ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ରର ଗୃହ ନାହିଁ। ଗୃହନିର୍ମାଣ ୬ ବର୍ଷ ହେବ ଚାଲିଛି। ଫଳରେ ପିଲାମାନେ ପ୍ରାକ୍ ଶିକ୍ଷା ଗ୍ରହଣ କରିବାକୁ ହନ୍ତସନ୍ତ ହେଉଛନ୍ତି। ଏଥିସହ ଅଙ୍ଗନୱାଡି କେନ୍ଦ୍ରର ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି। ଅଙ୍ଗନୱାଡି କେନ୍ଦ୍ରରେ ନିଯୁକ୍ତ ଅଙ୍ଗନୱାଡ଼ି କର୍ମୀ କେନ୍ଦ୍ରକୁ ଆସୁନାହାନ୍ତି। ଯାହା କିଛି ଖାଦ୍ୟ ବ୍ୟବସ୍ଥା ଓ ପିଲାଙ୍କ ପାଠ ପଢା ସହାୟକ ତୁଲାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ବ୍ଲକ ଓ ସିଡିପିଓଙ୍କ କାର୍ଯ୍ୟାଳୟରେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନି ବୋଲି ଗ୍ରାମବାସୀ କହିଛନ୍ତି। ଏସମ୍ପର୍କରେ ସିଡିପିଓ ମିନତିବାଳା ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, କେବଳ ଗଙ୍ଗାଗୁଡା ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରର ଗୃହ ନୁହେଁ ବ୍ଲକରେ ଏଭଳି ୧୬/୧୭ଟି କେନ୍ଦ୍ର ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିରହିଛି। ବ୍ଲକ ସଦର ମହକୁମାର ଶିଶୁ ବିକାଶ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ସମେତ କୁମ୍ଭାର ସାହି ଅଙ୍ଗନୱାଡ଼ି କେନ୍ଦ୍ର ଅବସ୍ଥା ମଧ୍ୟ ସମାନ ସେ ଥିବା କହିଛନ୍ତି। ତେବେ ଅଙ୍ଗନୱାଡି କର୍ମୀ କେନ୍ଦ୍ରକୁ ଆସୁ ନ ଥିବା ଅଭିଯୋଗର ଯାଞ୍ଚ କରାଯିବ ବୋଲି ସେ କହିଥିଲେ।


ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିଥିବା ଅଙ୍ଗନୱାଡି ଗୃହ।

**ADVERTISEMENT**

**SOUTH ORISSA VOLUNTARY ACTION (SOVA), KORAPUT**

Applications are invited from eligible candidates in the prescribed application for the following posts in the ASTHA Children Home and Open Shelter(CCI) Managed by South Orissa Voluntary Action (SOVA), Koraput to be engaged on purely temporary & consolidated remuneration basis as follows:-

| S.L. | Posts | Vacancy | Qualification | Remuneration including all benefits | Age |
|---|---|---|---|---|---|
| **(A) ASTHA Children Home** | | | | | |
| 1 | Store keeper-cum-Accountant | 1 | Post Graduate preferably in Commerce/ MBA (Finance) | 18,536/- per month | 21 Years to 45 Years |
| 2 | Paramedical Staff | 1 | Compounder/ Pharmacist/ Diploma in Ayurveda/ Homeopathy/ Unani from institution recognized by Govt. of India | 11,916/-per month | |
| 3 | Educator | 1 | Bachelor Degree in any discipline, preferable experience in teaching line. | 10,000/- per month | |
| 4 | Art & Craft-music Teacher | 1 | Bachelor or Diploma in art and craft | 10,000/- per month | |
| 5 | PT Instructor cum Yoga Teacher | 1 | Bachelor or Diploma in yoga training / PT teacher | 10,000/- per month | |
| 6 | Cook | 1 | Under Metric (8th to 10th ) | 9,930/- per month | |
| 7 | Helper cum Night watchman | 2 | Under Metric (8th to 10th ) | 7,944/- per month | |
| 8 | House Keeper | 1 | Under Metric (8th to 10th ) | 7,944/- per month | |
| **(B) Open Shelter** | | | | | |
| 1 | Social Worker | 1 | Preferable master in social work/sociology/ psychology/human resource development/ MBA(HR)/anthropology or master degree in any discipline and familiar in computer application | 18,536/- per month | 21 Years to 45 Years |
| 2 | Care giver-cum-Bridge Course Educator | 1 | Any Graduate | 11,916/- per month | |
| 3 | Outreach Worker | 1 | 12th standard pass | 10,592/- per month | |

Documents to be attached with the application form – (a) Self attested Photocopy of HSC, +2, Graduation, Master Degree or equivalent certificate and mark sheet, (b) One recent passport size color photograph, (c) Certificate of Experience issued from previous /current employer. The authority reserves the right to cancel any or all the applications without citing any reason thereof. Application has to be submitted for each post through the mail **ID hr.sova@sovakoraput.org on or before 15/07/2023 and send a hardcopy of the same by registered post or speed post to South Orissa Voluntary Action (SOVA) Rangabalikumbha Road, Koraput Pin-764020. on or before Dt. 20/07/2023. details of the advertisement available in the district website "www.koraput.nic.in"**

**South Orissa Voluntary Action (SOVA), Koraput**

# ସରକାର, ପୋଲିସ ମିଛ ପ୍ରଚାର କରୁଛନ୍ତି: ମାଓବାଦୀ ନେତ୍ରୀ

### ବାଘୁନା ଡିଭିଜନାଲ କମିଟି ସମ୍ପାଦିକା ହେଲେ ରୀତା

ରାୟଗଡ଼ା,୨।୭(ଆଶିଷ ରଞ୍ଜନ ପଣ୍ଡା)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ରାୟଗଡ଼ା ସମେତ ପଡ଼ୋଶୀ କଳାହାଣ୍ଡି ଓ କନ୍ଧମାଳ ଜିଲାରେ ମାଓବାଦୀ ନିଜର କାୟା ବିସ୍ତାର କରୁଥିବା ଦେଖିବାକୁ ମିଳୁଛି । ଶୁକ୍ରବାର ବିଳମ୍ବିତ ରାତିରେ ମୁନିଗୁଡ଼ା ନିକଟସ୍ଥ ଦେଓକୁପୁଲିଠାରେ ଏକ କ୍ରସର ଉପରେ ହୋଇଥିବା ଆକ୍ରମଣରୁ ଏହା ଜଣାପଡୁଛି । ଟପ୍ କ୍ୟାଡ଼ର ମହିଳା ମାଓବାଦୀ ନେତା ରୀତା ବାଘୁନା ଡିଭିଜନାଲ କମିଟି ସମ୍ପାଦିକା ଦାୟିତ୍ୱ ନେବା ପରେ ସଂଗଠନ ସୁଦୃଢ଼ କରିବା ସହିତ ଜିଲାର ବିଭିନ୍ନ ଆଭ୍ୟନ୍ତରୀଣ ଅଞ୍ଚଳରେ ସଂଗଠନ ଆରମ୍ଭ ହୋଇଥିବା ସୂଚନା ମିଳିଛି । ଦାୟିତ୍ୱ ଗ୍ରହଣ କରିବା ପରେ ରୀତା ଏକ ପ୍ରେସ୍ ବିବୃତି ଜାରି କରି ସେଥିରେ ସରକାର ଓ ପୋଲିସର ମିଛ ପ୍ରଚାରକୁ ପ୍ରତ୍ୟାଖାନ କରିବାକୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି । ପୋଲିସ ପୋଷ୍ଟର ଲଗାଇ ମାଓବାଦୀଙ୍କ ବିରୋଧରେ ମିଥ୍ୟା ପ୍ରଚାର କରୁଥିବା ଓ ଯୌନ ଶୋଷଣ କଥା କହୁଥିବା ଉଲ୍ଲେଖ ରହିଛି । ଯାହା ପୋଲିସର ମନଗଢ଼ା । ମାଓବାଦୀ ସଂଗଠନ ମହିଳାଙ୍କୁ ସମ୍ମାନ ଓ ସୁରକ୍ଷା ଦେଉଥିବା ବିଷୟରେ ପ୍ରେସ୍ ବିବୃତିରେ ଲେଖା ରହିଛି । ବହୁ ମାଓବାଦୀ କ୍ରାନ୍ତିକାରୀଙ୍କ ଭିତରେ ବିବାହିତ ରହିଛନ୍ତି। ପିଲା ଧରି ଲଢ଼ିବା କଷ୍ଟକର ତେଣୁ ବହୁ ପୁରୁଷ ସାଥୀ ଜନ୍ମ ନିୟନ୍ତ୍ରଣ କରିଥିବା ଏବଂ ଅପରେଶନ ସୁବିଧା ନ ପାଇ ମହିଳାମାନେ ଗର୍ଭ ନିରୋଧକ ବଟିକା ଖାଉଥିବା ପ୍ରେସ୍ ବିବୃତିରେ ଉଲ୍ଲେଖ ରହିଛି । ମାଓବାଦୀ ସଂଗଠନରେ ଦିନକୁ ଦିନ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଉଛି । ସଂଗଠନକୁ ବଦନାମ କରିବା ପାଇଁ ପୋଲିସର ଏହା ଚକ୍ରାନ୍ତ ବୋଲି ପ୍ରେସ୍ ବିବୃତିରେ ରୀତା ଉଲ୍ଲେଖ କରିଛନ୍ତି । ଲୋକ ମାଓବାଦୀ ସଂଗଠନକୁ ସମର୍ଥନ କରୁନଥିବା ନେଇ ହେଉଥିବା ପ୍ରଚାର ମଧ୍ୟ ସମ୍ପୂର୍ଣ୍ଣ ମିଥ୍ୟା । ଯଦି ଲୋକ ସମର୍ଥନ କରିନଥାନ୍ତେ ତେବେ ୫୬ ବର୍ଷ ଧରି ପୋଲିସ ମାଓବାଦୀ ଦମନ କରୁଛି କିଭଳି ଏବଂ ୬ ଲକ୍ଷ ପୋଲିସ ଓ ସିଆରପିଏଫ ଯବାନ ଲଗାଇ ଦମନ କରିବାକୁ ତତ୍ପର କାହିଁକି ବୋଲି ଉକ୍ତ ପ୍ରେସ୍ ବିବୃତିରେ ଉଲେଖ ରହିଛି ।

ପୋଲିସ ଓ ସରକାର ଏଭଳି ମିଥ୍ୟା ପ୍ରଚାର ବନ୍ଦ କରିବାକୁ ପ୍ରେସ୍ ବିବୃତିରେ ଲେଖା ରହିଛି । ଏହା ବ୍ୟତିତ ଏକ ପ୍ରଚାର ପତ୍ର ମଧ୍ୟ ଜାରି ହୋଇଛି, ଯେଉଁଥିରେ ଜଙ୍ଗଲ ଜମି ଛଡ଼ାଇ ନେଇ ଲ୍ୟାଣ୍ଡ ବ୍ୟାଙ୍କରେ ରଖିବା ନିଷ୍ପତ୍ତି ବିରୋଧରେ ଆନ୍ଦୋଳନ କରିବାକୁ ଉଲ୍ଲେଖ କରାଯାଇଛି । କାରଣ ସରକାର ଜମିଗୁଡ଼ିକୁ କମ୍ପାନୀ ହାତକୁ ଟେକି ଦେବା ପାଇଁ ଏଭଳି ଚକ୍ରାନ୍ତ କରୁଛନ୍ତି । ଏହା ନିରୀହ ଆଦିବାସୀ ଓ ବନବାସୀଙ୍କ ପ୍ରତି ଅନ୍ୟାୟ ବୋଲି ଅଭିଯୋଗ କରାଯାଇଛି । ଆନ୍ଧ୍ର ସାହୁକାରଙ୍କ ଜମି ଦଖଲ କରିବା ପାଇଁ ମାଓବାଦୀ ସଂଗଠନ ଆହ୍ୱାନ ଦେଇଛି । ବାଘୁନା ଡିଭିଜନାଲ କମିଟି ପକ୍ଷରୁ ଉକ୍ତ ପ୍ରଚାର ପତ୍ର ବଣ୍ଟନ ହୋଇଥିବା ଉଲ୍ଲେଖ ରହିଛି । ଶୁକ୍ରବାର ମୁନିଗୁଡ଼ା ଥାନା ଅଧୀନ ଦେଓକୁପୁଲିଠାରେ କ୍ରସରରେ ମାଓବାଦୀଙ୍କ ଆକ୍ରମଣ ପରେ ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି । ମୁନିଗୁଡ଼ା, ଚନ୍ଦ୍ରପୁର ଓ ବିଷମକଟକ ଥାନା ଅଞ୍ଚଳକୁ ଯବାନମାନେ ବିଶେଷ ଦୃଷ୍ଟି ଦେଉଛନ୍ତି । କେତେକ ବରିଷ୍ଠ ପୋଲିସ ଅଧିକାରୀ ମଧ୍ୟ ସେହି ଅଞ୍ଚଳକୁ ଗସ୍ତ କରୁଥିବା ସୂଚନା ମିଳିଛି ।

ସୂଚନାଯୋଗ୍ୟ, ପୂର୍ବରୁ ନୀଖିଲ ଓ ବର୍ଷ୍ଣିଙ୍କ ହାତରେ ଥିବା ବାସଧାରା–ଘୁମସୁର–ନାଗାବଳୀ(ବାଘୁନା)ଦାୟିତ୍ୱ ରୀତାଙ୍କ ହାତକୁ ଆସିବା ପରେ ମାଓବାଦୀ ସଂଗଠନ ଏକ ପ୍ରକାର ସକ୍ରିୟ ହୋଇଛି । ରୀତା ଜଣେ ଟପ୍ କ୍ୟାଡ଼ର ମାଓବାଦୀ ଭାବେ ପରିଚିତ । ତେଣୁ ମାଓବାଦୀ କେନ୍ଦ୍ରୀୟ କମିଟି ଏହି ଦାୟିତ୍ୱ ରୀତାଙ୍କୁ ଦେଇଥିବା ଜଣାପଡିଛି ।

## ସଂକ୍ଷେପରେ

### ବକେୟା ଦରମା ଦାବି ଟିପିଏସ୍ଓଡିଏଲ ଅଫିସ ଭଙ୍ଗାରୁଜା କଲେ ଠିକା କର୍ମଚାରୀ

ମାଲକାନଗିରି,୨।୭(ଦୁର୍ଯୋଧନ ପାତ୍ର)- ମାଲକାନଗିରି ବିଦ୍ୟୁତ୍ ବିଭାଗର ଟିପିଏସ୍ଓଡିଏଲ ଅଧୀନରେ କାମ କରୁଥିବା ଠିକା ସଂସ୍ଥା କର୍ମଚାରୀମାନେ ବକେୟା ଦରମା ଦାବିରେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିଛନ୍ତି। ସୂଚନା ଅନୁଯାୟୀ, ଠିକା ସଂସ୍ଥା ଏମ୍ଏସ୍ ଭଉଁରିଆ ଇନଫ୍ରା ପ୍ରଜେକ୍ଟରେ କେତେକ ବ୍ୟକ୍ତି ବିଦ୍ୟୁତ୍ ବିଭାଗ ପାଇଁ କାମ କରୁଥିଲେ। ସେମାନଙ୍କ ବକେୟା ଟଙ୍କା ଉକ୍ତ ସଂସ୍ଥା ପ୍ରଦାନ କରି ନ ଥିବାରୁ କର୍ମଚାରୀ ହଟଗୋଳ କରିଥିଲେ। ଏହାପରେ ୪୦ରୁ ଅଧିକ କର୍ମଚାରୀ ଟିପିଏସ୍ଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପଶି କମ୍ପ୍ୟୁଟର, କବାଟ ଓ ଚୌକି ଆଦି ଭାଙ୍ଗି ଦେଇଥିଲେ। ଏ ନେଇ ସଂସ୍ଥା ଅଧିକାରୀ ଅନିମେଶ ବାସ ମାଲକାନଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ମାଲକାନଗିରି ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ୨ ବିଚାରପତି ବୁଲି ଦେଖିଲେ ନନ୍ଦପୁର ବତ୍ରିଶ ସିଂହାସନ

ନନ୍ଦପୁର, ୨।୭(ଶଙ୍କର ପୂଜାରି)- କୋରାପୁଟ ଜିଲା ନନ୍ଦପୁର ବ୍ଲକର ପର୍ଯ୍ୟଟନ ସ୍ଥଳୀ ମଧ୍ୟରେ ସଦର ମହକୁମାରେ ଥିବା ଐତିହାସିକ କିମ୍ବଦନ୍ତୀମୂଳକ ବତ୍ରିଶ ସିଂହାସନକୁ ରବିବାର ରାଜ୍ୟ ଉଚ୍ଚନ୍ୟାୟାଳୟର ୨ଜଣ ବିଚାରପତି କେ.ଆର. ମହାପାତ୍ର ଓ ବିଶ୍ୱନାଥ ରଥ ସପରିବାର ବୁଲି ଦେଖିଛନ୍ତି। ସେମାନଙ୍କ ସହ ଜିଲା ଅତିରିକ୍ତ ଦୌରାଜଜ୍ ମହଲତ ସା ଓ ସତନ୍ତ୍ର ବିଚାରପତି ଗୟାଧର ପାଣିଗ୍ରାହୀ ଉପସ୍ଥିତ ଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ଗୋପାଳ କୃଷ୍ଣ ବେବର୍ତ୍ତା ଓ ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି ସେମାନଙ୍କୁ ନନ୍ଦପୁର ରାଜବଂଶର ଇତିହାସ ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟ ଓ ଜିଲାର ବିଚାରପତିମାନଙ୍କ ଏହି ଗସ୍ତ ସମୟରେ ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ସୁଜିତ ମିଶ୍ର, ଏସଡିପିଓ ସଞ୍ଜୟ ମହାପାତ୍ର, ଅତିରିକ୍ତ ତହସିଲଦାର ସିମାଞ୍ଚଳ ପାତ୍ର, ଥାନାଧିକାରୀ ପ୍ରଫୁଲ୍ଲ ଲାକ୍ରା, ଏସଆଇ ଦିପ୍ତିମୟୀ ଧାରୁଆ, ଏସଆଇ ହୃଷିକେଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା କରିଥିଲେ।

### ଜନ୍ମିତ ଶିଶୁ କନ୍ୟାକୁ ଅର୍ଥ ପ୍ରଦାନ
#### ନବ ନିର୍ବାଚିତ ସରପଞ୍ଚଙ୍କ ନିଆରା ପ୍ରୟାସ

ପୋଲସରା,୨।୭(ସୁବ୍ରତ ବେହେରା): ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ମାଳ ତେନ୍ତୁଳିଆ ଗ୍ରାମ ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ଅସ୍ୱତ ରାଉତ ଜନ୍ମିତ ଶିଶୁ କନ୍ୟାଙ୍କୁ ଅର୍ଥ ପ୍ରଦାନ କରୁଛନ୍ତି। ଅସ୍ୱତ ରାଉତ ବର୍ତ୍ତମାନ ପଞ୍ଚାୟତର ଲୋକ ମାନଙ୍କ ଭଲ ପାଇବା ପରେ ନୂତନ ଭାବେ ମାଳ ତେନ୍ତୁଳିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ହୋଇଛନ୍ତି। ସରପଞ୍ଚ ହେବା ପର ଠାରୁ ନିଜ ପଞ୍ଚାୟତରେ ଥିବା ପାଖାପାଖି ବର୍ତ୍ତମାନ ୧୩ ମାସ ମଧ୍ୟରେ ୩୦ ଜଣ ଜନ୍ମିତ ଶିଶୁ କନ୍ୟାଙ୍କୁ ଆର୍ଥିକ ୫୦୦ ଟଙ୍କା ଲେଖାଏ ନିଜ ପକେଟରୁ ପ୍ରଦାନ କରିଥାନ୍ତି। ଏପରି କଲେ ଶିଶୁ କନ୍ୟାଙ୍କ ପରିବାର ଖୁସି ହୋଇଥାନ୍ତି। ଆଉ ମୋତେ ବି ବହୁତ ଖୁସି ଲାଗେ, ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଆଗକୁ ଜାରି ରଖିବେ ବୋଲି ସରପଞ୍ଚ କହନ୍ତି।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମୁନିଗୁଡ଼ା, ୨।୭
(ରାଧେଶ୍ୟାମ ଅଗ୍ରୱାଲ)



ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ରାୟଗଡା ଜିଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ହାତୀପଦର ସରକାରୀ ପ୍ରାଥମିକ ବିଦ୍ୟାଳୟ ତରଫରୁ ଶିକ୍ଷକ ମଧୁସୂଦନ ମହାଙ୍କୁଡ଼ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶିକ୍ଷକ ମହାଙ୍କୁଡ଼ଙ୍କ ୩୮ବର୍ଷ ଶିକ୍ଷକତା ଭିତରେ ମୁନିଗୁଡା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ସେ ଶିକ୍ଷକତା କରିଥିବା ବେଳେ ହାତିପଦର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସେ ଅବସର ଗ୍ରହଣ କରିଛନ୍ତି। ପରମେଶ୍ୱର ବୟିନୀଙ୍କ ସଭାପତିତ୍ୱରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିବାବେଳେ ତପନ କୁମାର ବଳିଆର ସିଂ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷକ ମହାଙ୍କୁଡଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମୟରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରି, ସ୍କୁଲ ପରିଚାଳନା କମିଟି ସଦସ୍ୟ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଓଡ଼ିଆ ଚଳଚ୍ଚିତ୍ର ବିରୋଧରେ ଥାନାରେ ଏତଲା

### 'ହରିଜନ' ଶବ୍ଦ ପ୍ରୟୋଗ କରି ଦଳିତ ସମାଜକୁ ଆକ୍ଷେପ ଅଭିଯୋଗ

ରାୟଗଡା,୨।୭(ଭାଗ୍ୟଶ୍ରୀ ମିଶ୍ର)


ବାମସେଫ ଫେଡେରେଶନ କର୍ମକର୍ତ୍ତା ଥାନା ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

ଓଡ଼ିଆ ଚଳଚ୍ଚିତ୍ର 'ପ୍ରିୟେ ତୁ ମୋ ସିଏ'କୁ ବିରୋଧ କରାଯାଇ ରାୟଗଡ଼ା ଥାନାରେ ଏତଲା ଦିଆଯାଇଛି। ଉକ୍ତ ଚଳଚ୍ଚିତ୍ରରେ 'ହରିଜନ' ଶବ୍ଦ ପ୍ରୟୋଗ କରାଯାଇ ଏକ ନିର୍ଦ୍ଦିଷ୍ଟ ଅନୁସୂଚିତ ଜାତିକୁ ଅପମାନ କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଚଳଚ୍ଚିତ୍ରକୁ ବେଆଇନ ଘୋଷଣା କରାଯିବା ସହ ଚଳଚ୍ଚିତ୍ରର ପ୍ରଯୋଜକ ଝିଲ୍ଲିକ ଭଟ୍ଟାଚାର୍ଯ୍ୟ, ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁଙ୍କ ସମେତ ଚଳଚ୍ଚିତ୍ର ଅଭିନେତା ଅମ୍ଲାନ ଦାସ ଓ ଅଭିନେତ୍ରୀ ଏଲିନା ସାମନ୍ତରାଏଙ୍କ ବିରୋଧରେ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରାଯିବାକୁ ବାମସେଫ ଫେଡେରେଶନର ଆଇନ ଉପଦେଷ୍ଟା ଉଦ୍ଧବ କୌଶଲ୍ୟା ରାୟଗଡା ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ରାୟଗଡା ଟାଉନ ଥାନା ଅଧିକାରୀ କେକେବିକେ କହରଙ୍କୁ ଅଭିଯୋଗ ପତ୍ର ଦେବା ସମୟରେ ବାମସେଫ ଫେଡେରେଶନ ସଭାପତି ଜନାର୍ଦ୍ଦନ ଗରଡା, ଧନଞ୍ଜୟ ନାଏକ, ରବୀନ୍ଦ୍ର ଗରଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଏସସି,ଏସଟି ଆଟ୍ରୋସିଟି ପ୍ରିଭେନସନ ଆକ୍ଟ ୧୯୮୯ ଅନୁଯାୟୀ 'ହରିଜନ' ଏକ ଅସାମ୍ବିଧାନିକ ଶବ୍ଦ, ଯାହାର ଅର୍ଥ ଜାରଜ ସନ୍ତାନକୁ ସୂଚାଇଥାଏ । ଏହି ଶବ୍ଦକୁ କୌଣସି ଜାତି ଉପରେ ପ୍ରୟୋଗ କରିବା ଭାରତୀୟ ସମ୍ବିଧାନର ଧାରା ୧୫୩ ଏ ଅନୁଯାୟୀ ଦଣ୍ଡନୀୟ ରହିଛି । ତଥାପି 'ପ୍ରିୟେ ତୁ ମୋ ସିଏ' ଓଡ଼ିଆ ଚଳଚ୍ଚିତ୍ରରେ 'ହରିଜନ' ଶବ୍ଦ ପ୍ରୟୋଗ କରାଯିବା ଦ୍ୱାରା ଆମର ଆତ୍ମସ୍ୱାଭିମାନ ନଷ୍ଟ କରାଯାଉଛି। ଫଳରେ ଆମେ ଦାଣ୍ଡରେ ମୁଣ୍ଡ ଟେକି ଚାଲି ପାରୁନାହୁଁ ବୋଲି ବାମସେଫ ଫେଡେରେଶନ ଆଇନ ଉପଦେଷ୍ଟା କୌଶଲ୍ୟା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ।

### ଦୁର୍ଘଟଣାରେ ଯୁବକ ମୃତ

ବ୍ରହ୍ମପୁର,୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ଗୋପାଳପୁର ଜଙ୍କଶନ ନିକଟ ଜାତୀୟ ରାଜପଥରେ କୌଣସି ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ମୃତ୍ୟୁ ଘଟିଛି। ସେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ କୋଳଥିଗାଁର ଶରତ ଜେନାଙ୍କ ପୁଅ ସୁବ୍ରତ(୩୨) । ଟ୍ରାଫିକ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଦୁର୍ଘଟଣା ଘଟାଇଥିବା ଗାଡ଼ି ଓ ଚାଳକଙ୍କୁ ଠାବ କରିବା ପାଇଁ ପୋଲିସ ପ୍ରୟାସ କରୁଛି। ପ୍ରକାଶ ଯେ, ସୁବ୍ରତ କୌଣସି କାରଣରୁ ଶୁକ୍ରବାର ରାତିରେ ବାଇକ ନେଇ ଘରୁ ବାହାରକୁ ଯାଇଥିଲେ। ଜାତୀୟ ରାଜପଥରେ ବିଳମ୍ବିତ ରାତିରେ କୌଣସି ଏକ ଗାଡ଼ି ତାଙ୍କ ବାଇକକୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ସୁବ୍ରତ ବାଇକ୍ରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବରପାଇ ଆମ୍ବୁଲାନ୍ସ ତାଙ୍କୁ ଉଦ୍ଧାର କରି ଏମ୍କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ସୁବ୍ରତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ନଂ. ୨୨୪/୨୩ରେ ଏକ ମାମଲା ରୁଜୁ ହୋଇଛି।

# ଝଞ୍ଜାବତୀ ୱାକର କ୍ଲବ ପକ୍ଷରୁ ଡାକ୍ତରଙ୍କୁ ସମ୍ବର୍ଦ୍ଧନା



ଝଞ୍ଜାବତୀ ମହିଳା ୱାକର କ୍ଲବ ପକ୍ଷରୁ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାୟଗଡା, ୨।୭ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ଝଞ୍ଜାବତୀ ମହିଳା ୱାକର କ୍ଲବ ପକ୍ଷରୁ ୨ଜଣ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୧୯୯୭ ମସିହାରେ ଗାନ୍ଧୀ ଆୱାର୍ଡରେ ସମ୍ମାନିତ ହୋଇଥିବା ଅବସରପ୍ରାପ୍ତ ଡାକ୍ତର ଜୟଦେବ ଗୁରୁ ଏବଂ ୧୯୯୨ ମସିହାରୁ ରାୟଗଡା ସହରବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଥିବା ଡା ପ୍ରେମ କୁମାରଙ୍କୁ ମହିଳା କ୍ଲବ ପକ୍ଷରୁ ଉପଢୌକନ ଏବଂ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମୟରେ ଝଞ୍ଜାବତୀ ମହିଳା ୱାକର କ୍ଲବ ସଭାପତି ଅରୁଣା ବେହେରା, ସମ୍ପାଦିକା ରଶ୍ମିତା ପଣ୍ଡା,କୋଷାଧ୍ୟକ୍ଷା ନମିତା ପାଢ଼ୀ, ଉପ ସଭାପତି ସେନାପତି ସନ୍ତୋଷୀ ଏବଂ ସୁଜାତା ମାଦଳା ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତରଙ୍କ ସେବା ସମାଜରେ ଅତୁଳନୀୟ ଏବଂ ଡାକ୍ତରଙ୍କ ସେବା ପାଇଁ ଆଜି ଏକ ସୁସ୍ଥ ସମାଜ ଗଠନ ହୋଇପାରିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

# ଗୌରୀ ମିଶ୍ର ହତ୍ୟା ମାମଲା: ଆଉ ୨ ଅଭିଯୁକ୍ତ ଗିରଫ

ଗୁଣପୁର,୨।୭(ପ୍ରଦପ କୁମାର ପାଢ଼ୀ)


ଗିରଫ ଅଭିଯୁକ୍ତ ।

ବହୁ ଚର୍ଚ୍ଚିତ ଡବଲ ମର୍ଡର ଘଟଣାରେ ପୋଲିସ ଗତ ଶନିବାର ୭ଜଣଙ୍କୁ ଗିରଫ କରିଥିବାବେଳେ ରବିବାର ଆଉ ୨ ଜଣଙ୍କୁ ଗିରଫ କରିଛି। ପୂର୍ବରୁ ଗିରଫ ୭ ଅଭିଯୁକ୍ତଙ୍କ ମଧ୍ୟରୁ ପୋଲିସ ୫ଜଣଙ୍କୁ କୋର୍ଟଚାଲାଣ କରିଥିଲା। ଆର.କ୍ରିଷ୍ଣାଙ୍କ ଭାଇ ଆର.ରାମାରାଜୁ, ବାପା ଆର.ଜଗନ୍ନାଥ, ମାମୁ ଡି.ଭେଙ୍କେଟ ରାଓ, ଗୁଡାରିର ଆକାଶ କୁମାର ବା ଦାପୁଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିବା ଆଇଆଇସି ନିଳାମ୍ବର ଜାନି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶ ସୂଚନା ପାଇଁ ଏସପି ଗତ ଶନିବାର ରାୟଗଡାଠାରେ ଖବରଦାତା ସମ୍ମିଳନୀ କରିବା ଘଟଣାକୁ ନେଇ ଗୁଣପୁରର ବିଭିନ୍ନ ଖବରଦାତା ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ଗୁଣପୁର ଥାନାରେ ଅତିରିକ୍ତ ଏସପି ଏବଂ ଅନ୍ୟ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଖବରଦାତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

ଗୌରୀ ମିଶ୍ର ଏବଂ ଭି.ରାଜେଶଙ୍କ ହତ୍ୟା ମାମଲାରେ ଗତ ୨ ମାସ ହେବ ଗୁଣପୁର ଖବରଦାତାମାନେ ଖବର ସଂଗ୍ରହ କରୁଥିବାବେଳେ ଗିରଫ ୭ ଅଭିଯୁକ୍ତଙ୍କୁ କାହିଁକି ଗୁଣପୁରରୁ ପ୍ରାୟ ୭୫ କିମି ରାୟଗଡା ନିଆଯାଇ ଖବରଦାତା ସମ୍ମିଳନି କରାଗଲା ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏଥିସହ ସେମାନଙ୍କୁ ନେବା ଆଣିବା ସମୟରେ ଦୀର୍ଘ ୧୫୦ କିମି ଯାତାୟାତ ମଧ୍ୟରେକୌଣସି ଅଘଟଣ ଘଟିଥିଲେ କିଏ ଦାୟୀ ରହିଥାନ୍ତେ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଗତ ଶୁକ୍ରବାର ବିଳମ୍ବିତ ରାତିରେ ମାଓବାଦୀମାନେ ମୁନିଗୁଡାର ଦେଓକୁପୁଲିଠାରେ କ୍ରସରରେ ଥିବା ୯ଟି ଗାଡି ପୋଡି ଦେଇଥିଲେ। ଏପରି ସମ୍ବେଦନଶୀଳ ସ୍ଥିତିରେ ଅଭିଯୁକ୍ତଙ୍କୁ ଦୀର୍ଘ ୧୫୦ କିମି ନେବା ଆଣିବା କରିବା କେତେଦୂର ଯଥାର୍ଥ ଥିଲା ବୋଲି ଖବରଦାତା ମାନେ ପ୍ରଶ୍ନ କରିଥିଲେ। ଗୁଣପୁରଠାରେ ଖବରଦାତା ସମ୍ମୁଳନୀ କଣ ହୋଇପାରି ନ ଥାନ୍ତା କି ବୋଲି ପଚାରିଥିଲେ।

### ରାୟଗଡାରେ ଖବରଦାତା ସମ୍ମିଳନୀକୁ ନେଇ ଅସନ୍ତୋଷ

ସୂଚନାଯୋଗ୍ୟ ଯେ, ମେ ୧୩ ତାରିଖ ରାତିରେ ଗୌରୀ ମିଶ୍ରଙ୍କୁ ହତ୍ୟା କରାଯାଇଥିବାବେଳେ ସୁପାରିକିଲର ଭି. ରାଜେଶଙ୍କୁ ଗତ ୧୯ ତାରିଖରେ ବିଶାଖାପାଟଣାର ଆନନ୍ଦପୁରମ ଅଞ୍ଚଳରେ ହତ୍ୟା କରି ପୋତି ଦେଇଥିଲେ।

# ସରକାରୀ ସୁବିଧାରୁ ବଞ୍ଚିତ ୩ ଅସହାୟ ମହିଳା

ପୋଟେରୁ,୨।୭
(ସୌରଭ ମଣ୍ଡଳ)


ଅସହାୟ ମହିଳା ଆଧାର କାର୍ଡ ଦେଖାଉଛନ୍ତି ।

ମାଲକାନଗିରି ଜିଲା ଶିଖପଲ୍ଲୀ ପଞ୍ଚାୟତ ପାଲକୋଣ୍ଡା ଗ୍ରାମର ବୁଦ୍ରୀ ମାଡକାମିଙ୍କ ପୁଅ ଓ ସ୍ୱାମୀଙ୍କ ମୃତ୍ୟୁ ହେବା ପରେ ପୁରା ପରିବାର ଅସହାୟ ହୋଇପଡିଥିଲେ। ବୁଦ୍ରୀ ସହ ଦୁଇ ବୋହୂ ଏହା ମଧ୍ୟରେ ପ୍ରାୟ ୩ ବର୍ଷ ବିତିଯାଇଥିଲେ ମଧ୍ୟ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି ।

ସୂଚନାଯୋଗ୍ୟ, ବୁଦ୍ରୀ ମାଡକାମୀ ଓ ଇଡମା ମାଡକାମୀଙ୍କ ଏକମାତ୍ର ପୁଅ ମାଡା। ପ୍ରାୟ ୧୦ ବର୍ଷ ପୂର୍ବେ ମାଡା ପ୍ରଥମେ ବୁଦ୍ରୀ ମାଡକାମି ଓ ତାପରେ ପଜେ ମାଡକାମି ଦୁଇଜଣଙ୍କୁ ବିବାହ କରିଥିଲେ। ପ୍ରାୟ ୫ ବର୍ଷ ପୂର୍ବେ ମାଡା କୌଣଷି ଏକ ରୋଗରେ ପୀଡିତ ହୋଇ ମୃତ୍ୟୁ ବରଣ କରିଥିଲେ। ଏହାପରେ ଗତ ପ୍ରାୟ ୩ ବର୍ଷ ପୂର୍ବରୁ ମାଡାଙ୍କ ବାପା ଇଡମା ମଧ୍ୟ ରୋଗଗ୍ରସ୍ତ ହୋଇ ଆରପାରିକୁ ଚାଲି ଯାଇଥିଲେ। ଫଳରେ ମାଡାଙ୍କର ସ୍ତ୍ରୀ ଓ ମା ସମ୍ପୂର୍ଣ୍ଣ ଅସହାୟ ହୋଇପଡିଥିଲେ। ଏଥିସହ ମାଡାଙ୍କର ପ୍ରଥମ ସ୍ତ୍ରୀ ବୁଦ୍ରୀ ଝିଅର ପାଟି ଫିଟୁନଥିବା ବେଳେ ଦ୍ୱିତୀୟ ସ୍ତ୍ରୀ ପଜେ ମାଡକାମିର ଗୋଟିଏ ସନ୍ତାନ ଥିବା ଜଣାପଡ଼ିଛି। ଅନ୍ୟପଟେ ସରକାରୀ ସୁବିଧା କହିଲେ ମାଡାଙ୍କର ପ୍ରଥମ ସ୍ତ୍ରୀ ବୁଦ୍ରୀଙ୍କୁ ଭତ୍ତା ଓ ଚାଉଳ ମିଳିବା ସହ ଅନ୍ୟ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବୁଦ୍ରୀଙ୍କ ପରିବାରରେ ୩ ଜଣ ବିଧବା ଓ ନାତିନାତୁଣୀ ସହ ଅସହାୟ ହୋଇ ଜୀବନ କାଟୁଛନ୍ତି। ଏପରି ସ୍ଥିତିରେ ଅସହାୟ ବୁଦ୍ରୀଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

# ନିର୍ମାଣ ହୋଇପାରୁନି ରାଧାକୃଷ୍ଣ ମନ୍ଦିର ମଣ୍ଡପ

### ମଣ୍ଡପ ଭାଙ୍ଗିବାର ୨ ବର୍ଷ ବିତିଲା

ମୁନିଗୁଡ଼ା, ୨।୭ (ରାଧେଶ୍ୟାମ ଅଗ୍ରୱାଲ)



ମୁନିଗୁଡ଼ା ମନ୍ଦିର ପରିସରରେ ଥିବା ବହୁ ପୁରାତନ ରାଧାକୃଷ୍ଣ ମନ୍ଦିରର ଉନ୍ନତି ପାଇଁ ସାମନାରେ ରହିଥିବା ମଣ୍ଡପକୁ ଭାଙ୍ଗି ନୂଆ ମଣ୍ଡପ ନିର୍ମାଣ ପାଇଁ ଯୋଜନା ରହିଥିଲା । ନୂଆ ମଣ୍ଡପ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ମଣ୍ଡପ ଭାଙ୍ଗିବାର ୨ ବର୍ଷ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ନୂଆ ମଣ୍ଡପ ନିର୍ମାଣ କରାଯାଇନାହିଁ। ମନ୍ଦିର ସାମ୍ନାରେ ମଣ୍ଡପ ନ ଥିବାରୁ ଶ୍ରଦ୍ଧାଳୁମାନେ ଖରା,ବର୍ଷା ସମୟରେ ବହୁତ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି। ମାତ୍ର ପୁରୁଣା ମଣ୍ଡପ ଭାଙ୍ଗିବା ପରେ ଆଉ ଟଙ୍କାର ବ୍ୟବସ୍ଥା ହୋଇପାରି ନ ଥିବାରୁ ମଣ୍ଡପ ନିର୍ମାଣ ହୋଇପାରୁ ନ ଥିବା ତଦନ୍ତରୁ ଜଣାଯାଇଛି । ମନ୍ଦିର ପରିଚାଳନା କମିଟି ଓ ମଣ୍ଡପ ନିର୍ମାଣ ପାଇଁ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଥିବାରୁ ମଣ୍ଡପ ନିର୍ମାଣ ହୋଇପାରୁ ନ ଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି। ମୁନିଗୁଡ଼ା ମନ୍ଦିର ପରିସରରେ ରାଧାକୃଷ୍ଣ ମନ୍ଦିର, ଜଗନ୍ନାଥ ମନ୍ଦିର, ଗଣେଶ ମନ୍ଦିର, ଶିବ ମନ୍ଦିର, ଲକ୍ଷ୍ମୀ ମନ୍ଦିର, ହନୁମାନ ମନ୍ଦିର, ଗୀତା ଭବନ, ଗାୟତ୍ରୀ ମନ୍ଦିର, ସୂର୍ଯ୍ୟ ସାଇ ମନ୍ଦିର ଓ ଅଲେଖ ମନ୍ଦିର ରହିଛି।

# ସଚେତନ ହେବାକୁ ପରାମର୍ଶ

### ଆମ ପୋଲିସ ସମିତି ବୈଠକ

କାଲିମେଲା, ୨।୭(ଜୀବନକୃଷ୍ଣ ଦାସ )



ଆମ ପୋଲିସ ସମିତି ବୈଠକରେ ଜିଲା ପରିଷଦ ଉପାଧକ୍ଷ ଓ ଅନ୍ୟମାନେ ।

ମାଲକାନଗିରି ଜିଲା କାଲିମେଲା ଥାନା ପକ୍ଷରୁ ପୋଲିସ ସମିତି ଜରିଆରେ ଆମ ପୋଲିସ କାର୍ଯ୍ୟକ୍ରମ ବଡିଗେଟା ପଞ୍ଚାୟତ ଏମ୍ଭି ୭୦ ଗ୍ରାମରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏଏସ୍ପି ରାହୁଲ କଏଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହ ପରସ୍ପର ନିକଟତର ହୋଇ ସମସ୍ତ କାର୍ଯ୍ୟ କରିବାକୁ କହିଥିଲେ।

ଜନସାଧାରଣଙ୍କ ମନରେ ପୋଲିସ ପ୍ରତି ଥିବା ଭୟ ଦୂର କରିବା ସହିତ ଆଜିର ସମାଜରେ ଘଟୁଥିବା ସାଇବର ଠକେଇ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଅଜଣା ଫୋନ୍ କଲ୍ କିମ୍ବା ଏସ୍ଏମ୍ଏସ୍ଠାରୁ ଦୂରରେ ରହିବା, ଅଞ୍ଚଳରେ ବାଲ୍ୟ ବିବାହ ରୋକିବା, ବାପା ଓ ମା' ସଚେତନ ହେବା, ସ୍ୱାମୀ ସ୍ତ୍ରୀ ଝଗଡ଼ା, ଅପରାଧ, ମହିଳା ଏବଂ ଶିଶୁଙ୍କ ବିରୋଧରେ ଅପରାଧ, ସଡକ ସୁରକ୍ଷା, କଙ୍ଗାରୁ କୋର୍ଟ, ନିଶା କାରବାର, ଜୁଆ ଖେଳ, ଖାପ୍ ପଞ୍ଚାୟତ ଏବଂ ସାଇବର ଠକେଇ ଇତ୍ୟାଦି ବିଷୟରେ ସଚେତନ କରାଯାଇଥିଲା ।

ପୋଲିସ ବିଭାଗର ଅନେକ ନିୟମରେ ପରିବର୍ତ୍ତନ ହୋଇଛି । ୫–ଟି ମୋ ସରକାର ଲାଗୁ ହେବା ପରେ ଅଭିଯୋଗକାରୀ ଓ ଦୋଷୀଙ୍କୁ ଥାନା ପକ୍ଷରୁ କୌଣସି ଦୁର୍ବ୍ୟବହାର ନ ଦେଖାଇ ଉତ୍ତମ ବ୍ୟବହାର ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବ୍ୟବସ୍ଥା ରହିଛି। ଏଣୁ ପୋଲିସ ପ୍ରତି ଜନସାଧାରଣ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ସମସ୍ତଙ୍କର ସ୍ୱାଧୀନ ଚିନ୍ତାଧାରାରେ ପୋଲିସ ସହ ଯୋଗାଯୋଗ ରଖି କାର୍ଯ୍ୟ କଲେ ଅନେକ ସୁଫଳ ମିଳିବ ଏବଂ ଥାନାକୁ ନିଜର କାର୍ଯ୍ୟାଳୟ ଭାବି ସମସ୍ତ ଅଭିଯୋଗ ନେଇ ଆସିବାକୁ ଥାନା ଅଧିକାରୀ ନାୟକ ଲୋକଙ୍କୁ ଅବଗତ କରାଇଥିଲେ । ଏଥିସହ ଅଞ୍ଚଳକୁ ଅପରାଧ ମୁକ୍ତ ଅଞ୍ଚଳ ଭାବେ ଗଢି ତୋଳିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧକ୍ଷ ପତିତପାବନ ବୈଦ୍ୟ, ବ୍ଲକ ଉପାଧକ୍ଷ ଲକ୍ଷ୍ମୀଧର ମାଡକାମି, ସାମାଜିକକର୍ମୀ ଲଳିତ ନାରାୟଣ ମାଡକାମି, କାଲିମେଲା ସରପଞ୍ଚ ପୃଥୀରାଜ ମାଝି, ବଡିଗେଟା ସରପଞ୍ଚ ଲିଲି ସୋଡ଼ୀ ଉପସ୍ଥିତ ଥିଲେ । ଏଥିରେ ଆଖପାଖ ଅଞ୍ଚଳର ଶତାଧିକ ଗ୍ରାମବାସୀ, ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

ଏହି ଉପଲକ୍ଷେ ପୋଲିସ ସହାୟତା ୧୧୨ ନମ୍ବର କାର୍ଯ୍ୟ କରିବା ପାଇଁ ଏକ ସତନ୍ତ୍ର ଗାଡି ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଯାହାଦ୍ୱାରା କୌଣସି ଘଟଣା ଦୁର୍ଘଟଣା ହେଲେ ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କଲେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିପାରିବ ।

## ସଂକ୍ଷେପରେ

### ବକେୟା ଦରମା ଦାବି
### ଟିପିଏସ୍ଓଡିଏଲ ଅଫିସ ଭଙ୍ଗାରୁଜା କଲେ ଠିକା କର୍ମଚାରୀ

ମାଲକାନଗିରି, ୨।୭(ଦୁର୍ଯ୍ୟୋଧନ ପାତ୍ର)-ମାଲକାନଗିରି ବିଦ୍ୟୁତ୍ ବିଭାଗର ଟିପିଏସ୍ଓଡିଏଲ ଅଧୀନରେ କାମ କରୁଥିବା ଠିକା ସଂସ୍ଥା କର୍ମଚାରୀମାନେ ବକେୟା ଦରମା ଦାବିରେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିଛନ୍ତି। ସୂଚନା ଅନୁଯାୟୀ, ଠିକା ସଂସ୍ଥା ଏମ୍ଏସ୍ ଭଉଁରିଆ ଇନଫ୍ରା ପ୍ରଜେକ୍ଟରେ କେତେକ ବ୍ୟକ୍ତି ବିଦ୍ୟୁତ୍ ବିଭାଗ ପାଇଁ କାମ କରୁଥିଲେ। ସେମାନଙ୍କ ବକେୟା ଟଙ୍କା ଉକ୍ତ ସଂସ୍ଥା ପ୍ରଦାନ କରି ନ ଥିବାରୁ କର୍ମଚାରୀ ହଟଗୋଳ କରିଥିଲେ। ଏହାପରେ ୪୦ରୁ ଅଧିକ କର୍ମଚାରୀ ଟିପିଏସ୍ଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପଶି କମ୍ପ୍ୟୁଟର, କବାଟ ଓ ଚୌକି ଆଦି ଭାଙ୍ଗି ଦେଇଥିଲେ। ଏ ନେଇ ସଂସ୍ଥା ଅଧିକାରୀ ଅନିମେଷ ବାସ ମାଲକାନଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ମାଲକାନଗିରି ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ୨ ବିଚାରପତି ବୁଲି ଦେଖିଲେ ନନ୍ଦପୁର ବତ୍ରିଶ ସିଂହାସନ



ନନ୍ଦପୁର, ୨।୭(ଶଙ୍କର ପୂଜାରି)-କୋରାପୁଟ ଜିଲା ନନ୍ଦପୁର ବ୍ଲକର ପର୍ଯ୍ୟଟନ ସ୍ଥଳୀ ମଧ୍ୟରେ ସଦର ମହକୁମାରେ ଥିବା ଐତିହାସିକ କିମ୍ବଦନ୍ତୀମୂଳକ ବତ୍ରିଶ ସିଂହାସନକୁ ରବିବାର ରାଜ୍ୟ ଉଚ୍ଚନ୍ୟାୟାଳୟର ୨ଜଣ ବିଚାରପତି କେ.ଆର. ମହାପାତ୍ର ଓ ବିଶ୍ୱନାଥ ରଥ ସପରିବାର ବୁଲି ଦେଖିଛନ୍ତି। ସେମାନଙ୍କ ସହ ଜିଲା ଅତିରିକ୍ତ ଦୌରାଜଜ୍ ମହଲତ ସା ଓ ସତନ୍ତ୍ର ବିଚାରପତି ଗୟାଧର ପାଣିଗ୍ରାହୀ ଉପସ୍ଥିତ ଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ କୃଷ୍ଣ ବେବର୍ତ୍ତା ଓ ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି ସେମାନଙ୍କୁ ନନ୍ଦପୁର ରାଜବଂଶର ଇତିହାସ ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟ ଓ ଜିଲାର ବିଚାରପତିମାନଙ୍କ ଏହି ଗସ୍ତ ସମୟରେ ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ସୁଜିତ ମିଶ୍ର, ଏସଡିପିଓ ସଞ୍ଜୟ ମହାପାତ୍ର, ଅତିରିକ୍ତ ତହସିଲଦାର ସିମାଞ୍ଚଳ ପାତ୍ର, ଥାନାଧିକାରୀ ପ୍ରଫୁଲ୍ଲ ଲାକ୍ରା, ଏସଆଇ ଦିପ୍ତିମୟୀ ଧାରୁଆ, ଏସଆଇ ହୃଷିକେଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା କରିଥିଲେ।

### ଯୁବକଙ୍କୁ ମାଡ଼ମାରି ମୋବାଇଲ ଲୁଟ

ବ୍ରହ୍ମପୁର, ୨।୭(ସୁବାସ ଚନ୍ଦ୍ର ପାଢ଼ୀ)-ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ଷ୍ଟେଶନ ରୋଡ଼ସ୍ଥିତ ସର୍କିଟ ହାଉସ ନିକଟରେ ଜଣେ ଯୁବକଙ୍କୁ ମାଡ଼ମାରି ମୋବାଇଲ ଫୋନ ଲୁଟ ହୋଇଛି। ଲୁଟର ଶିକାର ହୋଇଥିବା ବିଜିପୁରର ଏସ ରାମକ୍ରିଷ୍ଣା ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୬୧/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ରାମକ୍ରିଷ୍ଣା ଷ୍ଟେଶନ ରୋଡ଼ ସ୍ଥିତ ଏକ ଅଫିସରେ କାମ କରନ୍ତି। ପ୍ରତିଦିନ ଭଳି ଗତ ୨୭ ତାରିଖ ରାତିରେ କାମ ସାରି ଘରକୁ ଫେରୁଥିବା ବେଳେ ୨ ଯୁବକ ରାସ୍ତାରେ ଅଟକାଇ ଟଙ୍କା ମାଗିଥିଲେ। ଟଙ୍କା ନଦେବାରୁ ତାଙ୍କୁ ମାଡ଼ ମାରି ମୋବାଇଲ ଫୋନ ଛଡ଼ାଇ ନେଇଥିଲେ।

### ଦୁର୍ଘଟଣାରେ ଯୁବକ ମୃତ

ବ୍ରହ୍ମପୁର, ୨।୭(ସୁବାସ ଚନ୍ଦ୍ର ପାଢ଼ୀ)-ଗୋପାଳପୁର ଜଙ୍କଶନ ନିକଟ ଜାତୀୟ ରାଜପଥରେ କୌଣସି ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ମୃତ୍ୟୁ ଘଟିଛି। ସେ ହେଲେ ଗୋଲନ୍ଥରା ଥାନା ଅନ୍ତର୍ଗତ କୋଲଥିଗାଁର ଶରତ ଜେନାଙ୍କ ପୁଅ ସୁବ୍ରତ(୩୨)। ଟ୍ରାଫିକ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଦୁର୍ଘଟଣା ଘଟାଇଥିବା ଗାଡ଼ି ଓ ଚାଳକଙ୍କୁ ଠାବ କରିବା ପାଇଁ ପୋଲିସ ପ୍ରୟାସ କରୁଛି। ପ୍ରକାଶ ଯେ, ସୁବ୍ରତ କୌଣସି କାରଣରୁ ଶୁକ୍ରବାର ରାତିରେ ବାଇକ ନେଇ ଘରୁ ବାହାରକୁ ଯାଇଥିଲେ। ଜାତୀୟ ରାଜପଥରେ ବିଳମ୍ବିତ ରାତିରେ କୌଣସି ଏକ ଗାଡ଼ି ତାଙ୍କ ବାଇକକୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ସୁବ୍ରତ ବାଇକ୍ରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବରପାଇ ଆମ୍ବୁଲାନ୍ସ ତାଙ୍କୁ ଉଦ୍ଧାର କରି ଏମ୍କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ସୁବ୍ରତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଟ୍ରାଫିକ ପୋଲିସ ଏ ନେଇ ମୃତକଙ୍କ ବାପା ଶରତଙ୍କୁ ଖବର ଦେଇଥିଲା। ସେ ମେଡିକାଲରେ ପହଞ୍ଚି ପୁଅ ମୃତଦେହ ଚିହ୍ନଟ କରିଥିଲେ। ଏ ସଂକ୍ରାନ୍ତରେ ନଂ. ୨୨୪/୨୩ରେ ଏକ ମାମଲା ରୁଜୁ ହୋଇଛି।

# ୧୨% ସୁଧରେ ଦୋକାନୀଙ୍କୁ ଟଙ୍କା ପୈଠ ନିର୍ଦ୍ଦେଶ ଦେଲେ ନ୍ୟାୟାଳୟ

## ଆବାସିକ ବିଦ୍ୟାଳୟକୁ ରାଶନ ନେଇ ଟଙ୍କା ଫାଙ୍କିବା ଘଟଣା

ମାଲକାନଗିରି, ୨।୭(ଦୁର୍ଯ୍ୟୋଧନ ପାତ୍ର)

ଆବାସିକ ବିଦ୍ୟାଳୟରେ ଛାତ୍ରୀଛାତ୍ରୀନଙ୍କ ପାଇଁ ରନ୍ଧା ଖାଦ୍ୟ, ଜଳଖିଆ ନିମନ୍ତେ ଅନେକ ସମୟରେ ସମ୍ପୃକ୍ତ ବିଭାଗ ପକ୍ଷରୁ ଅର୍ଥ ଆସି ନ ଥାଏ । ଫଳରେ ଦାୟିତ୍ୱରେ ଥିବା ଶିକ୍ଷକମାନେ ନିକଟସ୍ଥ ରାଶନ ଦୋକାନରୁ ବାକିରେ ନେଇ ପିଲାମାନଙ୍କୁ ଖାଇବାକୁ ଦେଇଥାନ୍ତି। ଅର୍ଥ ଆସିଲା ପରେ ସମ୍ପୃକ୍ତ ଦୋକାନୀଙ୍କୁ ଦେଇଥାନ୍ତି। ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡା ସରକାରୀ ଅନୁସୂଚିତ ଜାତି ଓ ଜନଜାତି ବାଳିକା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ମାଝି ରାସବେଡା ପଞ୍ଚାୟତ ମୁଣ୍ଡିଗୁଡା ଗ୍ରାମରେ ଥିବା ଅଜୟ କୁମାର ପାତ୍ରଙ୍କ ରାଶନ ଦୋକାନରୁ ହଷ୍ଟେଲ ପିଲାଙ୍କ ଲାଗି ବିଭିନ୍ନ ସାମଗ୍ରୀ ବାକିରେ ନେଇଥିଲେ। ଟଙ୍କା ଆସିବା ପରେ ସେ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଟଙ୍କା ଆସିଲା ପରେ ମଧ୍ୟ ସମ୍ପୃକ୍ତ ଦୋକାନୀଙ୍କଠାରୁ ନେଇଥିବା ୧ ଲକ୍ଷ ୧୨ହଜାର ଟଙ୍କା ନ ଦେଇ ମାଲକାନଗିରିରୁ ମୟୁରଭଞ୍ଜ ଜିଲାକୁ ବଦଳି ହୋଇଯାଇଥିଲେ। ଫଳରେ ସମ୍ପୃକ୍ତ ଦୋକାନୀ ବାରମ୍ବାର ଯୋଗାଯୋଗ କଲେ ମଧ୍ୟ ସେ ଟଙ୍କା ଦେଇ ନ ଥିଲେ। ପରେ ପାତ୍ର ମାଲକାନଗିରି ସିନିୟର ସିଭିଲ ଜଜ୍ଙ୍କ କୋର୍ଟରେ ମାଝିଙ୍କ ବିରୋଧରେ ଏକ ମାମଲା ଦାୟର କରିଥିଲେ। ନଂ. ୬୮/୧୯ ରେ ଏହାର ବିଚାର କରାଯାଇ ସମ୍ପୃକ୍ତ ଶିକ୍ଷକ ମାଝି ୨ ମାସ ମଧ୍ୟରେ ସମସ୍ତ ଟଙ୍କା ଦେବା ସହ ସହ ମାସିକ ସୁଧ ୧୨ ପ୍ରତିଶତ ପୈଠ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଇତି ମଧ୍ୟରେ ସେହି ବିଦ୍ୟାଳୟର ଶିକ୍ଷକ ସୋମନାଥ ନାୟକ ଛାତ୍ରାବାସ ଦାୟିତ୍ୱରେ ଥିବା ବେଳେ ରାଶନ ଦୋକାନୀ ପାତ୍ରଙ୍କୁ ବାକି ବାବଦକୁ ୪୦ ହଜାର ଟଙ୍କା ଦେଇଥିଲେ। ଶିକ୍ଷକ ମାଝିଙ୍କଠାରୁ ଟଙ୍କା ପାଇବା ପରେ ନାୟକ ଦେଇଥିବା ୪୦ ହଜାର ଟଙ୍କା ତାଙ୍କୁ ଫେରସ୍ତ ଦେବେ ବୋଲି ନ୍ୟାୟାଳୟ ଆଦେଶ ଦେଇଛନ୍ତି। ଏହି ମାମଲାକୁ ଅମିୟ କୁମାର ରଥ ପରିଚାଳନା କରୁଥିଲେ।

# ରାସ୍ତା ମଝିରେ ଗର୍ତ୍ତ, ଯାତାୟାତରେ ସମସ୍ୟା

ଗୋବିନ୍ଦପାଲି, ୨।୭(କାର୍ତ୍ତିକ ରଥ)



ରାସ୍ତା ମଝିରେ ସୃଷ୍ଟି ହୋଇଥିବା ଗର୍ତ୍ତ ।

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଗୋବିନ୍ଦପାଲି ପଞ୍ଚାୟତ ସଲପଗୁଡାକୁ ସଂଯୋଗ କରୁଥିବା ରାସ୍ତା ମଝିରେ ଦୀର୍ଘ ଦିନ ହେବ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଲୋକେ ଯାତାୟାତ ଲାଗି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗର୍ତ୍ତର ମରାମତି କରାଯାଉ ନ ଥିବାରୁ ଅଞ୍ଚଳବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି ଚାରି ଚକିଆ ଗାଡି ଯାତାୟାତ କରିପାରୁନାହିଁ। ଅନେକ ସମୟରେ ରାତିରେ ଚାଲି ଚାଲି ଯାଉଥିବା ବେଳେ ବି ଲୋକେ ଏହି ଗର୍ତ୍ତରେ ପଡି ଆହତ ହେଉଛନ୍ତି। ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଅନେକ ଥର ଜଣାଇଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ସଲପଗୁଡା, କଟ୍ରାକୁଣ୍ଡ, କଟ୍ରାଗୁଡା, ପୁନରିଗୁଡା ଓ କିରାମ ଆଦି ଗ୍ରାମର ଲୋକେ ଗୋବିନ୍ଦପାଲି ହାଟ ବଜାର ଓ ଖଇରପୁଟ ବ୍ଲକ ସଦର ମହକୁମାକୁ ଯିବା ଆସିବା କରନ୍ତି। ଏପରିକି ସଲପଗୁଡା ଗ୍ରାମର ଶିଶୁମାନେ ସ୍କୁଲ ଓ ଅଙ୍ଗନୱାଡିକୁ ଏହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ଏହାକୁ ଅତି ଶୀଘ୍ର ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

# କୋରାପୁଟ ଟିମ୍ ବିଜେତା, ଗଜପତି, ସୁନ୍ଦରଗଡ଼ ଉପବିଜେତା

## ବିଚାର ବିଭାଗୀୟ ଅଧିକାରୀଙ୍କ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା

କଟକ, ୨।୭ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ଅବସରରେ ବିଚାର ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଜୁଡିସିଆଲ ଏକାଡେମୀଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କୋରାପୁଟ ଟିମ୍ ବିଜେତା ହୋଇଥିବାବେଳେ ଗଜପତି ଟିମ୍ ପ୍ରଥମ ଓ ସୁନ୍ଦରଗଡ଼ ଟିମ୍ ଦ୍ୱିତୀୟ ଉପବିଜେତା ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ବିଚାରପତି ସଙ୍ଗମ କୁମାର ସାହୁ, ବିଚାରପତି ଚିତ୍ତରଞ୍ଜନ ଦାଶ ପ୍ରମୁଖ ବିଜେତା ଓ ଉପବିଜେତା ଟିମ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମୁଖ୍ୟ ବିଚାରପତି କହିଥିଲେ, ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ହେଲେ ଆଇନ ଛାତ୍ରୀଛାତ୍ର ଓ ବିଚାର ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅତ୍ୟନ୍ତ ଉପଭୋଗ୍ୟ ହୋଇଛି। ବହୁ ମହିଳା ବିଚାର ବିଭାଗୀୟ ଅଧିକାରୀ ଏଥିରେ ଅଂଶଗ୍ରହଣ କରିଥିବାରୁ ମୁଖ୍ୟ ବିଚାରପତି ସନ୍ତୋଷ ପ୍ରକାଶ କରିଥିଲେ। କୁଇଜ୍ ପ୍ରଶ୍ନଗୁଡ଼ିକ ବୁକ୍ଲେଟ୍ ଆକାରରେ ପ୍ରକାଶିତ ହେବ ବୋଲି ମୁଖ୍ୟ ବିଚାରପତି ଘୋଷଣା କରିଥିଲେ। ସେହିପରି ବିଚାରପତି ସଙ୍ଗମ କୁମାର ସାହୁ ସ୍ୱାଗତ ଭାଷଣ ଦେଇ କହିଥିଲେ, ବିଚାର ବିଭାଗୀୟ ଅଧିକାରୀମାନେ ପ୍ରତ୍ୟେକ କ୍ଷେତ୍ରରେ ନିଜର ଜ୍ଞାନ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଏଥିପାଇଁ ହାଇକୋର୍ଟ ପକ୍ଷରୁ ଲାପ୍ଟପ୍, ଇଣ୍ଟରନେଟ୍ ସଂଯୋଗ, ଆଇନ୍ ପତ୍ରିକା, ପୁସ୍ତିକା ଓ ଆଇନ୍ ପୋର୍ଟାଲ ମାଧ୍ୟମରେ ସେମାନଙ୍କ ଜ୍ଞାନ ବୃଦ୍ଧି କରିବା ନିମନ୍ତେ ସୁଯୋଗ ସୃଷ୍ଟି କରାଯାଇଛି। ବିଚାରପତି ଚିତ୍ତରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

କ୍ୟୁଶାଳା ସହଯୋଗରେ ପ୍ରିଲିମିନାରି, ଜୋନାଲ ଓ ଗ୍ରାଣ୍ଡ ଫିନାଲେ ଭଳି ତିନୋଟି ପର୍ଯ୍ୟାୟରେ ଏହିପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୩୦ଟି ଜିଲାର ମୋଟ ୪୩୨ ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ନେଇ ଜୁନ୍ ୧୧ରେ ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ପ୍ରତି ଜିଲାରୁ ୩ ଜଣ ଲେଖାଏ ବିଜେତା ଜୋନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ପ୍ରତି ୫ଟି ଜିଲାକୁ ନେଇ ଗୋଟିଏ ଲେଖାଏ ଜୋନ୍ କରାଯାଇ ମୋଟ ୬ଟି ଜୋନ୍ କରାଯାଇଥିଲା। ଜୁନ୍ ୨୫ରେ ଜୟପୁର, ବ୍ରହ୍ମପୁର ଓ ସମ୍ବଲପୁର ଜୋନ୍ ଏବଂ ଜୁନ୍ ୨୮ରେ ଅନୁଗୋଳ, ବାଲେଶ୍ୱର, କଟକ ଜୋନ୍ରେ ଜୋନ୍ସ୍ତରୀୟ ପ୍ରତିଯୋଗିତା ହୋଇଥିଲା। ଜୋନ୍ସ୍ତରରୁ ବିଜେତା ଦଳ ଭାବେ ଜୟପୁର ଜୋନ୍ରୁ କୋରାପୁଟ ଟିମ୍, ବ୍ରହ୍ମପୁର ଜୋନ୍ରୁ ଗଜପତି ଟିମ୍, ସମ୍ବଲପୁର ଜୋନ୍ରୁ ସମ୍ବଲପୁର ଟିମ୍, ଅନୁଗୋଳ ଜୋନ୍ରୁ ସୁନ୍ଦରଗଡ଼ ଟିମ୍, ବାଲେଶ୍ୱର ଜୋନ୍ରୁ ଭଦ୍ରକ ଟିମ୍ ଓ କଟକ ଜୋନ୍ରୁ ପୁରୀ ଟିମ୍ର ୩ ଜଣ ଲେଖାଏ ପ୍ରତିଯୋଗୀ ଗ୍ରାଣ୍ଡ ଫିନାଲେ ରାଉଣ୍ଡରେ ଭାଗ ନେଇଥିଲେ। ଇତିହାସ, ସଂସ୍କୃତି, ସଙ୍ଗୀତ, ଚଳଚ୍ଚିତ୍ର, କଳା ଓ ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ବିଷୟରୁ ଆଇନ୍, ରାଜନୀତି ଓ ସାମାଜିକ ପାଠ ସମ୍ପର୍କିତ ପ୍ରଶ୍ନଗୁଡ଼ିକୁ କୁଇଜ୍ ପ୍ରଶ୍ନ ଭାବେ ପଚରା ଯାଇଥିଲା। କ୍ୟୁଶାଳାର ପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ରାଘବ ଚକ୍ରବର୍ତ୍ତି କୁଇଜ ମାଷ୍ଟର ଭାବେ ପ୍ରିଲିମିନାରୀ ଓ ଜୋନାଲ ରାଉଣ୍ଡ ପରିଚାଳନା କରିଥିଲେ। ସେହିପରି କ୍ୟୁଶାଳାର ସହ-ପ୍ରତିଷ୍ଠାତା ସଚିନ୍ ରବି କୁଇଜ୍ ମାଷ୍ଟର ଭାବେ ଗ୍ରାଣ୍ଡ ଫିନାଲେ କୁଇଜ୍ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ବ୍ୟାଙ୍କ ଶାଖା ପରିଚାଳକଙ୍କୁ ନେଇ ବୈଠକ

ଜୟପୁର, ୨।୭ (ପବନ ପାଣିଗ୍ରାହୀ)

ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ସଭା ଗୃହରେ ଜୟପୁରର ବ୍ୟାଙ୍କ ଶାଖା ପରିଚାଳକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ମିଶନ ଶକ୍ତିର ବିପିସି ସ୍ୱାତୀ ପଟ୍ଟନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିଶା କେ.ଏସ. ସିଡିପିଓ ସୁଚିତା ପଣ୍ଡା,



ବ୍ୟାଙ୍କ ମିତ୍ରମାନେ ଉପସ୍ଥିତ ଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରଦାନ କରାଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ କେତେ ହାସଲ ହୋଇଛି । ମୋ ଘର, ମିଶନ ଶକ୍ତି, ଜୀବିକା ମିଶନରେ କେଉଁ ବ୍ୟାଙ୍କକୁ କେତେ ଟାର୍ଗେଟ ପ୍ରଦାନ କରାଯିବ ସେନେଇ ଆଲୋଚନା ହୋଇଥିଲା ।

# ସରକାରୀ ସୁବିଧାରୁ ବଞ୍ଚିତ ୩ ଅସହାୟ ମହିଳା

ପୋଟେରୁ, ୨।୭ (ସୌରଭ ମଣ୍ଡଳ)



ଅସହାୟ ମହିଳା ଆଧାର କାର୍ଡ ଦେଖାଉଛନ୍ତି ।

ମାଲକାନଗିରି ଜିଲା ଶିଖପଲ୍ଲୀ ପଞ୍ଚାୟତ ପାଲକୋଣ୍ଡା ଗ୍ରାମର ବୁଦ୍ରୀ ମାଡକାମିଙ୍କ ପୁଅ ଓ ସ୍ୱାମୀଙ୍କ ମୃତ୍ୟୁ ହେବା ପରେ ପୁରା ପରିବାର ଅସହାୟ ହୋଇପଡିଥିଲେ। ବୁଦ୍ରୀ ସହ ଦୁଇ ବୋହୂ ଏହା ମଧ୍ୟରେ ପ୍ରାୟ ୩ ବର୍ଷ ବିତିଯାଇଥିଲେ ମଧ୍ୟ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି ।

ସୂଚନାଯୋଗ୍ୟ, ବୁଦ୍ରୀ ମାଡକାମୀ ଓ ଇଡମା ମାଡକାମୀଙ୍କ ଏକମାତ୍ର ପୁଅ ମାଡା। ପ୍ରାୟ ୧୦ ବର୍ଷ ପୂର୍ବେ ମାଡା ପ୍ରଥମେ ବୁଦ୍ରୀ ମାଡକାମି ଓ ତାପରେ ପଜେ ମାଡକାମି ଦୁଇଜଣଙ୍କୁ ବିବାହ କରିଥିଲେ। ପ୍ରାୟ ୫ ବର୍ଷ ପୂର୍ବେ ମାଡା କୌଣଷି ଏକ ରୋଗରେ ପୀଡିତ ହୋଇ ମୃତ୍ୟୁ ବରଣ କରିଥିଲେ। ଏହାପରେ ଗତ ପ୍ରାୟ ୩ ବର୍ଷ ପୂର୍ବରୁ ମାଡାଙ୍କ ବାପା ଇଡମା ମଧ୍ୟ ରୋଗଗ୍ରସ୍ତ ହୋଇ ଆରପାରିକୁ ଚାଲି ଯାଇଥିଲେ। ଫଳରେ ମାଡାଙ୍କର ସ୍ତ୍ରୀ ଓ ମା ସମ୍ପୂର୍ଣ୍ଣ ଅସହାୟ ହୋଇପଡିଥିଲେ। ଏଥିସହ ମାଡାଙ୍କର ପ୍ରଥମ ସ୍ତ୍ରୀ ବୁଦ୍ରୀ ଝିଅର ପାଟି ଫିଟୁନଥିବା ବେଳେ ଦ୍ୱିତୀୟ ସ୍ତ୍ରୀ ପଜେ ମାଡକାମିର ଗୋଟିଏ ସନ୍ତାନ ଥିବା ଜଣାପଡ଼ିଛି। ଅନ୍ୟପଟେ ସରକାରୀ ସୁବିଧା କହିଲେ ମାଡାଙ୍କର ପ୍ରଥମ ସ୍ତ୍ରୀ ବୁଦ୍ରୀଙ୍କୁ ଭତ୍ତା ଓ ଚାଉଳ ମିଳିବା ସହ ଅନ୍ୟ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବୁଦ୍ରୀଙ୍କ ପରିବାରରେ ୩ ଜଣ ବିଧବା ଓ ନାତିନାତୁଣୀ ସହ ଅସହାୟ ହୋଇ ଜୀବନ କାଟୁଛନ୍ତି। ଏପରି ସ୍ଥିତିରେ ଅସହାୟ ବୁଦ୍ରୀଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

# ୩ ଲକ୍ଷରୁ ଊର୍ଦ୍ଧ୍ୱର ଶାଗୁଆନ ପଟା ଜବତ, ୩ ଗିରଫ

କାଲିମେଲା, ୨।୭(ଜୀବନକୃଷ୍ଣ ଦାସ)/ ପଡିଆ(ଭାସ୍କର ରାଓ)

ମାଲକାନଗିରି ଜିଲା କାଲିମେଲା ବନାଞ୍ଚଳ ପଡିଆ ବନ କ୍ଷେତ୍ର କର୍ମଚାରୀମାନେ କୌଣସି ସୂତ୍ରରୁ ରବିବାର ଖବର ପାଇ ଏକ ପିକ୍ଅପ୍ ଭ୍ୟାନରେ ଚୋରା ଚାଲାଣ ହେଉଥିବା ଶାଗୁଆନ କାଠ ପଟ୍ଟା ଜବତ କରିବା ସହ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛନ୍ତି। ଗିରଫମାନେ ହେଉଛନ୍ତି ପଡିଆ ପଲାଗୁଡା ଗ୍ରାମର ମିଟୁ ସୌଲାମି, ପଦିଆ ସୌଲାମି ଏବଂ ପଡିଆ ଗ୍ରାମର ବିଶଜିତ ମାହାଲଦର। ଏମାନଙ୍କ ବିରୋଧରେ ନମ୍ବର ୬୪/୨୩ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗାଡି ଓ କାଠ ଜବତ କରାଯାଇ ତଦନ୍ତ ଚାଲିଥିବା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ଦଲେଇ ସୂଚନା ଦେଇଛନ୍ତି।



ଜବତ ପଟା ଓ ଗାଡ଼ି।

# ୨ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି, ୨।୭ (ଦୁର୍ଯ୍ୟୋଧନ ପାତ୍ର)



ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି ।

ମାଲକାନଗିରି ଜଲା କୋରୁକୋଣ୍ଡା ବ୍ଲକ ନୂଆଗୁଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କିଶୋର କୁମାର ପାଣିଗ୍ରାହୀ ଓ ପାଲମେଟା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସାରଦା ଭୂୟାଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶୁଳଇଆ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନାରେ ଉଭୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଉଭୟ ଶିକ୍ଷକ ଓ ଶିକ୍ଷୟିତ୍ରୀ କର୍ମଠ, ସମୟାନୁବର୍ତ୍ତିତା ଓ ପରୋପକାରୀ ବୋଲି ଅତିଥିମାନେ ମାନେ ମତ ଦେଇଥିଲେ। ଉଭୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ତାଙ୍କ ଚାକିରି କାଳ ମଧ୍ୟରେ ମାଲକାନଗିରି ଭଳି ଏକ ଉପାନ୍ତ ଓ ଆଦିବାସୀ ବହୁଳ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଅନେକ ମେଧାବୀ ଛାତ୍ରୀ ଛାତ୍ର ସୃଷ୍ଟି କରିଛନ୍ତି। ଯେଉଁମାନେ କି ଆଜି ଜିଲା ଓ ରାଜ୍ୟରେ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ଏପରି ଆଦର୍ଶ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଅବସର ଶିକ୍ଷା ବିଭାଗରେ ଏକ ଅଭାବ ସୃଷ୍ଟି କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସିଆରସିସି ସୋମନାଥ ବେହେରା ଅତିଥି ପରିଚୟ ଦେଇଥିବା ବେଳେ କୋଇଲିପାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ପଣ୍ଡା କାର୍ଯ୍ୟକ୍ରମରେ ସୂଚନା ଦେଇଥିଲେ। ଏମ୍ଭି ୩୧ ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାର୍ତ୍ତିକ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ କିରାଣିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମାଲକାନଗିର, ୨।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ତଥା ସେକ୍ସନ ଅଫିସର କିଶୋର ଚନ୍ଦ୍ର ସାହୁ ଗତ ୩୦ ତାରିଖରେ ଅବସର ଗ୍ରହଣ କରଛନ୍ତି। ସାହୁ ଦୀର୍ଘ ୩୮ ବର୍ଷ ହେଲା ରାଜସ୍ୱ ବିଭାଗରେ ଜିଲାର ବିଭିନ୍ନ ବ୍ଲକ, ତହସିଲ, ଉପଜିଲାପାଳ ଓ ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟକରି ଜିଲାପାଳଙ୍କ କାର୍ଯ୍ୟାଳୟର ରାଜସ୍ୱ ବିଭାଗର ସେକ୍ସନ ଅଫିସର ଭାବେ କାର୍ଯ୍ୟକରି ଆସୁଥିଲେ। ତାଙ୍କର ସଚ୍ଚୋଟ ଓ ସାଧୁତାକୁ ଜିଲାରେ ପ୍ରଶଂସା କରାଯାଉଥିଲା। ଜିଲାପାଳ ବିଶାଲ ସିଂ ତାଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରସଂସା କରିବା ସହ କାର୍ଯ୍ୟାଳୟ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦେଇଛନ୍ତି। ସାହୁଙ୍କୁ ଉତ୍ତରୀୟ ଏବଂ ବିଭିନ୍ନ ସାମଗ୍ରୀ ଦେଇ ଜିଲାପାଳ ତାଙ୍କର ଭବିଷ୍ୟତ ଜୀବନ ସୁଖମୟ ହେଉ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ (ରାଜସ୍ୱ), ତ୍ରିନାଥ ମାଝି (ସାଧାରଣ) ସମସ୍ତ ସହକାରୀ ଜିଲାପାଳ, କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ, କର୍ମଚାରୀ ଉପସ୍ଥିତ ରହି ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।



କିରାଣି କିଶୋର ଚନ୍ଦ୍ର ସାହୁଙ୍କୁ ବିଦାୟ କାଳିନ ସମ୍ବର୍ଦ୍ଧନା ଦିଆଯାଉଛି।

# ସଚେତନ ହେବାକୁ ପରାମର୍ଶ

## ଆମ ପୋଲିସ ସମିତି ବୈଠକ

କାଲିମେଲା, ୨।୭(ଜୀବନକୃଷ୍ଣ ଦାସ )

ମାଲକାନଗିରି ଜିଲା କାଲିମେଲା ଥାନା ପକ୍ଷରୁ ପୋଲିସ ସମିତି ଜରିଆରେ ଆମ ପୋଲିସ କାର୍ଯ୍ୟକ୍ରମ ବଡିଗେଟା ପଞ୍ଚାୟତ ଏମ୍ଭି ୭୦ ଗ୍ରାମରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏଏସ୍ପି ରାହୁଲ କଏଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହ ପରସ୍ପର ନିକଟତର ହୋଇ ସମସ୍ତ କାର୍ଯ୍ୟ କରିବାକୁ କହିଥିଲେ।

ଜନସାଧାରଣଙ୍କ ମନରେ ପୋଲିସ ପ୍ରତି ଥିବା ଭୟ ଦୂର କରିବା ସହିତ ଆଜିର ସମାଜରେ ଘଟୁଥିବା ସାଇବର ଠକେଇ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଅଜଣା ଫୋନ୍ କଲ୍ କିମ୍ବା ଏସ୍ଏମ୍ଏସ୍ଠାରୁ ଦୂରରେ ରହିବା, ଅଞ୍ଚଳରେ ବାଲ୍ୟ ବିବାହ ରୋକିବା, ବାପା ଓ ମା' ସଚେତନ ହେବା, ସ୍ୱାମୀ ସ୍ତ୍ରୀ ଝଗଡ଼ା, ଅପରାଧ, ମହିଳା ଏବଂ ଶିଶୁଙ୍କ ବିରୋଧରେ ଅପରାଧ, ସଡକ ସୁରକ୍ଷା, କଙ୍ଗାରୁ କୋର୍ଟ, ନିଶା କାରବାର, ଜୁଆ ଖେଳ, ଖାପ୍ ପଞ୍ଚାୟତ ଏବଂ ସାଇବର ଠକେଇ ଇତ୍ୟାଦି ବିଷୟରେ ସଚେତନ କରାଯାଇଥିଲା ।

ପୋଲିସ ବିଭାଗର ଅନେକ ନିୟମରେ ପରିବର୍ତ୍ତନ ହୋଇଛି । ୫-ଟି ମୋ ସରକାର ଲାଗୁ ହେବା ପରେ ଅଭିଯୋଗକାରୀ ଓ ଦୋଷୀଙ୍କୁ ଥାନା ପକ୍ଷରୁ କୌଣସି ଦୁର୍ବ୍ୟବହାର ନ ଦେଖାଇ ଉତ୍ତମ ବ୍ୟବହାର ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବ୍ୟବସ୍ଥା ରହିଛି। ଏଣୁ ପୋଲିସ ପ୍ରତି ଜନସାଧାରଣ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ସମସ୍ତଙ୍କର ସ୍ୱାଧୀନ ଚିନ୍ତାଧାରାରେ ପୋଲିସ ସହ ଯୋଗାଯୋଗ ରଖି କାର୍ଯ୍ୟ କଲେ ଅନେକ ସୁଫଳ ମିଳିବ ଏବଂ ଥାନାକୁ ନିଜର କାର୍ଯ୍ୟାଳୟ ଭାବି ସମସ୍ତ ଅଭିଯୋଗ ନେଇ ଆସିବାକୁ ଥାନା ଅଧିକାରୀ ନାୟକ ଲୋକଙ୍କୁ ଅବଗତ କରାଇଥିଲେ। ଏଥିସହ ଅଞ୍ଚଳକୁ ଅପରାଧ ମୁକ୍ତ ଅଞ୍ଚଳ ଭାବେ ଗଢି ତୋଳିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀଧର ମାଡକାମି, ସାମାଜିକକର୍ମୀ ଲଳିତ ନାରାୟଣ ମାଡକାମି, କାଲିମେଲା ସରପଞ୍ଚ ପୃଥୀରାଜ ମାଝି, ବଡିଗେଟା ସରପଞ୍ଚ ଲିଲି ସୋଡ଼ୀ ଉପସ୍ଥିତ ଥିଲେ । ଏଥିରେ ଆଖପାଖ ଅଞ୍ଚଳର ଶତାଧିକ ଗ୍ରାମବାସୀ, ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

ଏହି ଉପଲକ୍ଷେ ପୋଲିସ ସହାୟତା ୧୧୨ ନମ୍ବର କାର୍ଯ୍ୟ କରିବା ପାଇଁ ଏକ ସତନ୍ତ୍ର ଗାଡି ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଯାହାଦ୍ୱାରା କୌଣସି ଘଟଣା ଦୁର୍ଘଟଣା ହେଲେ ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କଲେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିପାରିବ ।




ଆମ ପୋଲିସ ସମିତି ବୈଠକରେ ଜିଲା ପରିଷଦ ଉପାଧ୍ୟକ୍ଷ ଓ ଅନ୍ୟମାନେ ।

## ସଂକ୍ଷେପରେ

### ଓ୍ୟୁଜେ ଜିଲା ଶାଖାର ଅଧ୍ୟକ୍ଷଙ୍କ ସମେତ ୧୩ ସଦସ୍ୟଙ୍କ ଇସ୍ତଫା

ନବରଙ୍ଗପୁର,୨।୭ (ସଦାଶିବ ପ୍ରହରାଜ)- ନବରଙ୍ଗପୁର ଓ୍ୟୁଜେ ଜିଲା ସଂଘର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ୧୨ ଜଣ ସଦସ୍ୟ ସଂଘରୁ ଇସ୍ତଫା ଦେଇଛନ୍ତି। ସଂଘର କାର୍ଯ୍ୟକଳାପକୁ ବିରୋଧ କରି ଅଧ୍ୟକ୍ଷ ପ୍ରଶାନ୍ତଙ୍କ ସମେତ କିଶୋର କୁମାର ପଟ୍ଟନାୟକ, ନବଘନ ବିଷୋୟୀ, ପି. ପ୍ରକାଶ, ରବି ପଟ୍ଟନାୟକ, କରେଶ ଉପାସୀ, ଅଜିତ କୁମାର ନାୟକ, ସି.ଏଚ. ଈଶ୍ୱର ରାଓ, ଶ୍ରୀଧର ପାତ୍ର, ଏ.ଶତିଶ, ଗୌରାଙ୍ଗ ପାତ୍ର, ଦେବୀ ପ୍ରସାଦ ପଟ୍ଟନାୟକ ଓ ମନୋହର ମହାନ୍ତି ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ସେମାନେ ତାଙ୍କ ଇସ୍ତଫାପତ୍ର ଜିଲା ସଭାପତିଙ୍କୁ ଦେଇଥିବା ସଦସ୍ୟମାନେ ଜଣାଇଛନ୍ତି। ଏହାର ଏକ ନକଲ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କୁ ପ୍ରେରଣ କରାଯାଇଥିବା ଅଧ୍ୟକ୍ଷ ସାହୁ ଜଣାଇଛନ୍ତି।

### ଅଧାପିକାଙ୍କୁ କମେଣ୍ଟ କରି ପୂର୍ବତନ ଛାତ୍ର ଗିରଫ

ନବରଙ୍ଗପୁର,୨।୭ ( ସଦାଶିବ ପ୍ରହରାଜ)- ନବରଙ୍ଗପୁର ବିନୋଦ ବିହାରୀ କଲେଜର ଜଣେ ଅଧାପିକାଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ଜଣେ ପୂର୍ବତନ ଛାତ୍ରଙ୍କୁ ପୋଲିସ ଗିରଫ କରିଛି। ଗିରଫ ଛାତ୍ର ଜଣକ ହେଲେ ନବରଙ୍ଗପୁର ସହରର ବଡହରିଜନ ସାହିର ପର୍ଶୁରାମ ନାଗେଶ। ସୂଚନା ଅନୁଯାୟୀ, ବିନୋଦ ବିହାରୀ କଲେଜର ଅଧାପିକାଙ୍କୁ ପର୍ଶୁରାମ ନିୟମିତ କମେଣ୍ଟ ପାସ୍ କରୁଥିଲେ। ଅଧାପିକା ଜଣକ ଥାନାରେ ଏ ନେଇ ଅଭିଯୋଗ କରିବା ପରେ ପୋଲିସ ପର୍ଶୁରାମଙ୍କୁ ଥାନାକୁ ନେଇ ବୁଝାଶୁଝା କରି ଛାଡି ଦେଇଥିଲା। ହେଲେ ପର୍ଶୁରାମ ଅଧାପିକାଙ୍କୁ ବିଭିନ୍ନ ସ୍ଥାନରେ କମେଣ୍ଟ ପାସ କରି ହଇରାଣ କରିବାରୁ ଅଧାପିକା ନବରଙ୍ଗପୁର ଥାନାରେ ୧ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା ନଂ ୨୮୨/୨୩ ରୁଜୁ କରି ପର୍ଶୁରାମଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ତେବେ ପର୍ଶୁରାମ ଉକ୍ତ କଲେଜର ପୁରାତନ ଛାତ୍ର ବୋଲି ଏସଆଇ ପୂର୍ଣ୍ଣିମା ଟେଟେ କହିଛନ୍ତି।

### ଟ୍ରକ ପଛକୁ ଧକ୍କା ଦେଲା ଟ୍ରକ, ୩ ଗୁରୁତର

ଛତ୍ରପୁର,୨।୭(ସନ୍ତୋଷ ପାଢ଼ୀ ): ଛତ୍ରପୁର ନିକଟ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖ ୧୬ ନଂ ଜାତୀୟ ରାଜପଥରେ ଏକ ଟ୍ରକ ପଛକୁ ଆଉ ଏକ ଟ୍ରକ ଧକ୍କା ଦେବାରୁ ୩ ଜଣ ଗୁରୁତର ହୋଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଛତ୍ରପୁର ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖ ଜାତୀୟ ରାଜପଥରେ (ଓଡି ୦୯କେ୬୧୧୭) ନମ୍ବର ଏକ ଟ୍ରକ ଖରାପ ହୋଇଯିବାରୁ ତାକୁ ମରାମତି କରାଯାଉଥିବା ବେଳେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଅନ୍ୟ ଏକ ଟ୍ରକ (ଓଡି ୦୨ବିଏମ ୩୬୫୫ ) ତାକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଡ୍ରାଇଭରଙ୍କ ସମେତ ୩ ଜଣ ଗୁରୁତର ଆହତ ହୋଇଥିଲେ। ଛତ୍ରପୁର ଅଗ୍ନିଶମ ବିଭାଗ ପହଞ୍ଚି ଟ୍ରକର କବାଟ କାଟି ସମସ୍ତଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲ ଓ ପରେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲେ। ଅଧିକ ଚିକିତ୍ସା ନିମନ୍ତେ ଗୁରୁତରମାନଙ୍କୁ ଭୁବନେଶ୍ୱର ମେଡିକାଲକୁ ପଠାଯାଇଛି।

# ମକା ବିହନରୁ ବାହାରିଲାନି ଗଜା, ଚିନ୍ତାରେ ଚାଷୀ

ଉମରକୋଟ,୨।୭ (ସନ୍ତୋଷ ଶତପଥି)

- ଶତାଧିକ ଚାଷୀ କ୍ଷତିଗ୍ରସ୍ତ
- ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି



ଚାଷୀମାନେ ମକା ବିହନ ପ୍ୟାକେଟ ଦେଖାଉଛନ୍ତି ।

ଏକ ନାମୀଦାମୀ ମକା କମ୍ପାନୀର ବିହନ ଲଗାଇ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଞ୍ଚଳର ଶତାଧିକ ଚାଷୀ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ମୌସୁମୀର ଆଗମନ ଖବର ଶୁଣିବା ମାତ୍ରେ ଉମରକୋଟ ବ୍ଲକ ଅନ୍ତର୍ଗତ ତୋହରା, କୁର୍ସୀ, ମାଲପାରା, ଭାଲୁଡଙ୍ଗରି ତଥା ଉମରକୋଟ ଏବଂ ଝରିଗାଁ ଅଞ୍ଚଳର ମକା ଚାଷୀମାନେ ଅନ୍ତରାଷ୍ଟ୍ରୀୟ ଆଡଭାଣ୍ଟା କମ୍ପାନୀର ମକା ବିହନ ଲଗାଇଥିଲେ। ବିହନ ଲଗାଇବାର ୪ ଦିନ ପରେ ଗଜା ଉଠିଯିବା କଥା, ହେଲେ ୮ ଦିନ ପରେ ବି ଗଜା ନ ବାହାରିବାରୁ ଚାଷୀମାନେ ଯେଉଁ ବ୍ୟବସାୟୀଙ୍କଠାରୁ ବିହନ କିଣି ଆଣିଥିଲେ ତାଙ୍କ ନିକଟରେ ଅଭିଯୋଗ କରିଥିଲେ। ବ୍ୟବସାୟୀମାନେ ମଧ୍ୟ ତୁରନ୍ତ କମ୍ପାନୀର ଅଧିକାରୀଙ୍କୁ ଜଣାଇଥିଲେ। ଖବରପାଇ ହାଇଦ୍ରାବାଦର ଏହି କମ୍ପାନୀ ପ୍ରାୟ ୧୦ ଜଣ ଅଧିକାରୀଙ୍କୁ ଉମରକୋଟ ପଠାଇ ସର୍ଭେ କାମ ଜାରି ରଖିଛି । ଏହି ଅଞ୍ଚଳର ବହୁ ଚାଷୀଙ୍କର ମୁଖ୍ୟ ଚାଷ ମକା ହୋଇଥିବାରୁ ଏବେ ବିହନରୁ ଗଜା ନ ହେବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। କମ୍ପାନୀର କର୍ମଚାରୀମାନେ କ୍ଷତିଗ୍ରସ୍ତ ଚାଷୀଙ୍କ ମୋବାଇଲ ନମ୍ବର ନେଇ ୨ ଦିନ ଭିତରେ ବିହନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ହେଁ ବର୍ତ୍ତମାନ ପର୍ଯ୍ୟନ୍ତ ଚାଷୀ ବିହନ ପାଇ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ଚାଷୀ ବିହନ ନ ପାଇବାରୁ ଅନ୍ୟ କମ୍ପାନୀର ବିହନ କିଣି ଲଗାଇବା ଆରମ୍ଭ କରିଦେଇଛନ୍ତି। ଅପର ପକ୍ଷରେ ତେବେ ଆଡଭାଣ୍ଟା ବିହନ କମ୍ପାନୀର ଏଜେଣ୍ଟ ଓ ସେଲ୍ସ ମ୍ୟାନେଜର ବିଭିନ୍ନ ଗ୍ରାମକୁ ଯାଇ ଚାଷୀଙ୍କ ସମସ୍ୟା ବୁଝି ତାଙ୍କୁ ବିହନ ଟଙ୍କା ଫେରସ୍ତ କରିଥିବା ଉମରକୋଟଠାରେ ଥିବା ଉକ୍ତ କମ୍ପାନୀର ଡିଷ୍ଟ୍ରିବ୍ୟୁଟର ଓ ରିଟେଲର ସୂଚନା ଦେଇଛନ୍ତି । ଏଥିସହ କ୍ଷତିଗ୍ରସ୍ତ ଚାଷୀ ବିହନ ପ୍ୟାକେଟ ଦେଖାଇବା ମାତ୍ରେ ନୁଆ ବିହନ ପ୍ୟାକେଟ ଦେବା ପାଇଁ ସମସ୍ତ ଖୁଚୁରା ବିକ୍ରେତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ କ୍ଷତିପୂରଣ ପ୍ରଦାନ ପାଇଁ ଚାଷୀ ଦାବି କରିଛନ୍ତି। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ନୀଳକଣ୍ଠ ପରିଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଚାଷୀ ଲିଖିତ ଆକାରରେ ଅଭିଯୋଗ କରିନାହାଁନ୍ତି । ଚାଷୀ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ନିମ୍ନମାନର ଡ୍ରେନ୍ କାମ, ଭାଙ୍ଗିଲାଣି ସ୍ଲାବ୍


ସାଇନଗର ତୃତୀୟ ଗଳିରେ ଭାଙ୍ଗିଯାଇଥିବା ଡ୍ରେନ୍ ସ୍ଲାବ୍।

ନବରଙ୍ଗପୁର,୨।୭ (ସଦାସିବ ପ୍ରହରାଜ)

**ନିଷ୍କାସନ ହେଉନି ଆବର୍ଜନା ପାଣି**

ନବରଙ୍ଗପୁର ପୌରାଞ୍ଚଳର ୧୨ନମ୍ବର ୱାର୍ଡର ସାଇନଗର ୩ ନଂ ଗଳିରେ ପୌର ସଂସ୍ଥା ପକ୍ଷରୁ ରାସ୍ତା କଡ଼ରେ ଡ୍ରେନ ନିର୍ମାଣ କରାଯିବା ସହ ତା' ଉପରେ ସିମେଣ୍ଟ ସ୍ଲାବ୍ ପକାଯାଇଥିଲା। ମାତ୍ର ଏହି କାମ ନିମ୍ନମାନର ହୋଇଥିବା ଯୋଗୁ କାମ ସମ୍ପୂର୍ଣ୍ଣ ହେବାର ୨ ମାସ ବିତିନି କିନ୍ତୁ ଡ୍ରେନର ସ୍ଲାବଗୁଡିକ ଭାଙ୍ଗି ଭୁଶୁଡି ଗଲାଣି। ଡ୍ରେନ୍‌ର ଡିଜାଇନ ଠିକ ନ ଥିବାରୁ ଡ୍ରେନ ପାଣି ମଧ୍ୟ ନିଷ୍କାସନ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ଫଳରେ ସାମାନ୍ୟ ବର୍ଷା ହେଲେ ସାହି ଭିତର ଦୁର୍ଗନ୍ଧମୟ ହୋଇପଡୁଥିବା ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଦ୍ୱିତୀୟ ଗଳିର ପାଣି ତୃତୀୟ ଗଳି ଭିତରେ ପ୍ରବେଶ କରିବା ଦ୍ୱାରା ଅନେକ ଘର ଚାରି ପାଖରେ ଅଣ୍ଟାଏ ଲେଖା ପାଣି ଜମି ରହୁଛି। ଏହାଦ୍ୱାରା ଘରର ମୂଳଦୁଆ ପ୍ରତି ବିପଦ ସୃଷ୍ଟି କରିବ ବୋଲି ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ପୌର ସଂସ୍ଥା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଖୁବଶୀଘ୍ର କାମ ଆରମ୍ଭ କରାଯିବ ଏବଂ ଲୋକଙ୍କ ପ୍ରତି ଯେମିତି ସମସ୍ୟା ହେବ ନାହିଁ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

# ଡାବୁଗାଁ ସିଡିପିଓଙ୍କ କାର୍ଯ୍ୟକୁ କଂଗ୍ରେସର ବିରୋଧ

ଡାବୁଗାଁ, ୨।୭ (ପ୍ରଜ୍ଞା ରଞ୍ଜନ ପରିଡା )


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ କର୍ମୀ।

ନବରଙ୍ଗପୁର ଜିଲା ଡାବୁଗାଁ ସମନ୍ୱିତ ଶିଶୁ ବିକାଶ କେନ୍ଦ୍ରର ସିଡିପିଓ ଗୀତାଞ୍ଜଳି ମହାରଣା ବରିଷ୍ଠ କିରାଣି ସନ୍ତୋଷୀ କୁମାରୀ ମିଶ୍ରଙ୍କୁ ଚେୟାରରୁ ଠେଲିଦେବା ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ସିଡିପିଓ ମହାରଣାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କଂଗ୍ରେସ ଦାବି କରିଛି। ଦୁର୍ନୀତିଗ୍ରସ୍ତ ଛତୁଆ ପ୍ରସ୍ତୁତି କେନ୍ଦ୍ର, ଜାଳେଣି ଗ୍ୟାସ ବଣ୍ଟନ, ନିମ୍ନମାନର ଔଷଧ ସାମଗ୍ରୀ, କିଟ୍ କିଣା ଓ ଖେଳନା ସାମଗ୍ରୀ ନିମ୍ନମାନର ହୋଇଥିବା ଯୋଗୁ କଂଗ୍ରେସ କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରଛନ୍ତି। ଶିଶୁମାନେ ଆଗାମୀ ଦିନର ଭବିଷ୍ୟତ, ସେମାନଙ୍କ ସହ ଏପରି ଛଳନା କରୁଥିବା ପ୍ରଶାସନକୁ କଂଗ୍ରେସ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଆଗାମୀ ଦିନରେ ଯଦି ଏସବୁ ଠିକ୍ କରା ନ ଯାଏ ତେବେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ବିରାଟ ଆନ୍ଦୋଳନ କରିବ ବୋଲି ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ସମ୍ମିଳନୀରେ ପାପଡ଼ାହାଣ୍ଡି ବ୍ଲକ ଜିଲା ପରିଷଦ ସଭ୍ୟା ଡ. ଦୀପିକା ମାଝୀ , ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ , ଜିଲା ପରିଷଦ ଜୋନ-୧ ସଭାପତି ପ୍ରକାଶ ପଣ୍ଡା, ଜିଲା ଛାତ୍ର କଂଗ୍ରେସ ଉପ ସଭାପତି ନୁରେନ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ଡାବୁଗାଁ ସମନ୍ୱିତ ଶିଶୁ ବିକାଶ କେନ୍ଦ୍ରର ସିଡିପିଓ ଗୀତାଞ୍ଜଳି ମହାରଣା ଓ ବରିଷ୍ଠ କିରାଣି ସନ୍ତୋଷୀ କୁମାରୀ ମିଶ୍ରଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ପରେ ସିଡିପିଓ ରାଗିଯାଇ ସନ୍ତୋଷୀ ବସିଥିବା ଚେୟାର ସହ ଠେଲି ଦେବାରୁ ସେ ତଳେ ପଡ଼ିଯାଇଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି।

## ଘରୁ ଲୁଟ ଘଟଣା, ପୋଲିସ ହାତ ଖାଲି

ଛତ୍ରପୁର,୨।୭(ସନ୍ତୋଷ ପାଢ଼ୀ ):

ଚମାଖଣ୍ଡି ଥାନା ଅନ୍ତର୍ଗତ ଘଡ଼ଘଡାପଲ୍ଲୀର ରାଧାମୋହନ ମହାରଣା ପରିବାର ରଥଯାତ୍ରା ଦେଖିବା ପାଇଁ ପୁରୀ ଯାଇଥିବା ବେଳେ ଘରେ ଲୁଟେରା କଳାକନା ବୁଲାଇଥିଲେ। ଘରର କବାଟ ତାଡି ଲକରରୁ ୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସହ ଲାପଟପ ଓ ଅନ୍ୟାନ୍ୟ ଦାମୀ ଜିନିଷ ଲୁଟି ନେଇଥିଲେ। ଲୁଟେରା ସିସି ଟିଭି କ୍ୟାମେରାର ହାର୍ଡ ଡିସ୍କକୁ ତାଡି ନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ପରିବାର ଲୋକେ ରବିବାର ଗଣମାଧ୍ୟମ ଆଗରେ କହିଛନ୍ତି। ବାରମ୍ବାର ଉକ୍ତ ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଲୁଟ ଘଟଣା ଘଟୁଥିବା ବେଳେ ପୋଲିସ ତଦନ୍ତରେ ଶିଥିଳତାକୁ ନେଇ ପ୍ରଶ୍ନ ଉଠିଛି ।

## ତତ୍କାଳୀନ ଉପଜିଲାପାଳଙ୍କ ନାମଫଳକ ହଟାଇବାକୁ ଦାବି

ନବରଙ୍ଗପୁର,୨।୭
(ସଦାଶିବ ପ୍ରହରାଜ)



ଆବାସିକ କାର୍ଯ୍ୟାଳୟ ନାମଫଳକରେ ଅଭିଯୁକ୍ତ ଉପଜିଲାପାଳ ପ୍ରଶାନ୍ତ ରାଉତଙ୍କ ନାମ ।

ଭିଜିଲାନ୍ସ ହାତରେ ଧରାପଡି ଏବେ ଜେଲରେ ଦିନ କାଟୁଛନ୍ତି ନବରଙ୍ଗପୁର ତତ୍କାଳୀନ ଭାରପ୍ରାପ୍ତ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ । ଅନ୍ୟପକ୍ଷେ ସରକାର ମଧ୍ୟ ତାଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି।

ତେବେ ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଏବେ ବି ବଡ଼ ବଡ଼ ଅକ୍ଷରରେ ଅଭିଯୁକ୍ତ ରାଉତଙ୍କ ନାଁ ଉପଜିଲାପାଳ ବୋଲି ନାମଫଳକ ରହିଛି । ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ନାମଫଳକ ହଟାଇବାକୁ ଜନସାଧାରଣ ଦାବି ହୋଇଛି।

# ଚାହିଦା କମିଲେ ବି ବଞ୍ଚିଛି କଣ୍ଢେଇ ଯାତ୍ରା

ବ୍ରହ୍ମପୁର,୨।୭(ସ୍ମୃତି ରଞ୍ଜନ ମହାଲିକ)


କଣ୍ଢେଇ ଯାତ୍ରାରେ ବିକ୍ରି ହେଉଥିବା ବିଭିନ୍ନ ଖେଳନା ।

ପୂର୍ବରୁ କଣ୍ଢେଇର ଚାହିଦା ଢେର ଅଧିକ ରହିଥିଲା। କୌଣସି ଯାତ୍ରା ପଡ଼ିଲେ ମାଟି ଓ କାଠରେ ତିଆରି ଭଳିକି ଭଳି କଣ୍ଢେଇ କିଣିବାକୁ ଛୋଟ ପିଲାଙ୍କ ଭିଡ ଜମୁଥିଲା। ଅଭିଭାବକମାନେ ମଧ୍ୟ କଣ୍ଢେଇ କିଣି ଦେଇ ପିଲାଙ୍କୁ ଖୁସି କରୁଥିଲେ। ବର୍ତ୍ତମାନ ଏସବୁ କଣ୍ଢେଇର ଚାହିଦା କ୍ରମଶଃ ହ୍ରାସ ପାଇଛି। ମାଟି ଓ କାଠ କଣ୍ଢେଇ ପରିବର୍ତ୍ତେ ଇଲେକଟ୍ରୋନିକ୍ସ ଓ ପ୍ଲାଷ୍ଟିକ କଣ୍ଢେଇର ଚାହିଦା ବଢ଼ୁଛି। ଏହାସତ୍ତ୍ୱେ ବ୍ରହ୍ମପୁରର ମନ୍ଦିରମାଳିନୀ ସାହି କୁହାଯାଉଥିବା ଖାସ୍ପା ସାହି ଅଞ୍ଚଳରେ ଏବେ ବି କଣ୍ଢେଇ ଯାତ୍ରା ବଞ୍ଚି ରହିଛି। ପ୍ରତିବର୍ଷ ଆଷାଢ ପୂର୍ଣ୍ଣିମାରେ ଖାସ୍ପା ସାହିରେ କଣ୍ଢେଇ ଯାତ୍ରା ପାଳିତ ହୋଇଆସୁଛି। ଏହି ଯାତ୍ରା ୩୫୦ ବର୍ଷ ପୁରୁଣା ବୋଲି ଜଣାଯାଏ।

କିମ୍ବଦନ୍ତୀ ଅନୁଯାୟୀ, ଆଷାଢ ପୂର୍ଣ୍ଣିମାରେ ଖାସ୍ପା ସାହିରେ ଜଗନ୍ନାଥଙ୍କ ପଟ୍ଟାଭିଷେକ ଦେଖିବା ପାଇଁ ପ୍ରବଳ ଜନସମାଗମ ହେଉଥିଲା। ଏହା ଦେଖି ମନ୍ଦିରର ଜଣେ ପୂଜକ ମଧୁରୀ ରାଜାଙ୍କୁ ଏହି ଦିନ ଏକ ଯାତ୍ରା କରିବା ପାଇଁ ପରାମର୍ଶ ଦେଇଥିଲେ। ଏହା ପରଠାରୁ କଣ୍ଢେଇ ଯାତ୍ରା ଆରମ୍ଭ ହୋଇଛି। ଏଭଳି ପରମ୍ପରାକୁ ସ୍ଥାନୀୟ ବାସିନ୍ଦା ଏବେ ସୁଦ୍ଧା ବଜାୟ ରଖିଛନ୍ତି। ଏହି ଦିନ ଖାସ୍ପା ସାହି ସ୍ଥିତ ବଡ ଜଗନ୍ନାଥ ଓ ସାନ ଜଗନ୍ନାଥ ମନ୍ଦିରରେ ଜଗନ୍ନାଥଙ୍କ ପଟ୍ଟାଭିଷେକ ବେଶ ହୋଇଥାଏ। ଏହା ପରେ ସନ୍ଧ୍ୟାରେ ଖାସ୍ପା ସାହିଠାରୁ ଆରମ୍ଭ କରି ବଡବଜାର ପର୍ଯ୍ୟନ୍ତ ଭଳିକି ଭଳି କଣ୍ଢେଇ ପସରା ଦେଖିବାକୁ ମିଳିଥାଏ। ସନ୍ଧ୍ୟାରୁ ବିଳମ୍ବିତ ରାତି ଯାଏ ସହରବାସୀଙ୍କ ସମେତ ଗ୍ରାମାଞ୍ଚଳ ଲୋକଙ୍କର ମଧ୍ୟ ଭିଡ ଜମିଥାଏ। ଯାତ୍ରାରେ ମାଟିରେ ତିଆରି କଣ୍ଢେଇଠାରୁ ଆରମ୍ଭ କରି କାଠରେ ତିଆରି ଛୋଟ ଆଲମିରା, ଖଟ ବିକ୍ରି ହୋଇଥାଏ। ଏଥିସହ ଟିଣିରେ ପ୍ରସ୍ତୁତ ଶୁଆ ଓ ପଶୁପକ୍ଷୀଙ୍କ କଣ୍ଢେଇ ବିକ୍ରି ହୋଇଥାଏ। ଏହି ସବୁ କଣ୍ଢେଇର ଉଚ୍ଚତା ୧ ଫୁଟ ଓ ୨ ଫୁଟ ରହିଥାଏ। ଯାହାକୁ କିଣିବା ପାଇଁ ସହରବାସୀଙ୍କ ମହଲରେ ଉତ୍କଣ୍ଠା ଦେଖିବାକୁ ମିଳିଥାଏ। ପୂର୍ବରୁ ଏହି ଯାତ୍ରା ଦେଖିବା ପାଇଁ ସହର ଉପକଣ୍ଠସ୍ଥ ଲାଠି, ଟାମଣା ଓ ସୁକୁଣ୍ଡା ଆଦି ଅଞ୍ଚଳରୁ ଲୋକେ ଶଗଡରେ ଆସୁଥିଲେ। ସେ ସମୟରେ ପାରଳାଖେମୁଣ୍ଡି ଶିଙ୍ଘ କାରୁକାର୍ଯ୍ୟ, ଆନ୍ଧ୍ରର କାଠ କାର୍ଯ୍ୟ, ବେଲଗୁଣ୍ଠାର ପିତ୍ତଳ ମାଛ କାରୁକାର୍ଯ୍ୟ ଓ କଟକର ତାରକସି କାମ ଦେଖିବାକୁ ମିଳୁଥିଲା। କିନ୍ତୁ କାଳକ୍ରମେ ଚାଇନା କଣ୍ଢେଇର ଚାହିଦା ବୃଦ୍ଧି ପାଇବା କାରଣରୁ ଏ ସବୁର ବିକ୍ରି ହ୍ରାସ ପାଇଛି। ବର୍ତ୍ତମାନ ହାତ ତିଆରି କଣ୍ଢେଇ ଓ କାରୁକାର୍ଯ୍ୟ ଯାତ୍ରାରେ ବିକ୍ରି ହେଉ ନ ଥିବା ଦେଖିବାକୁ ମିଳିଛି।

## ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ବୈଠକ


ବ୍ଲକସ୍ତରୀୟ ବୈଠକରେ ଉପସ୍ଥିତ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତା।

ଚନ୍ଦାହାଣ୍ଡି,୨।୭ (ଦିଲୀପ ଦାସ )

ଚନ୍ଦାହାଣ୍ଡିଠାରେ ରବିବାର ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି କୃପାରାମ ସାହୁ ଏବଂ ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଚନ୍ଦାହାଣ୍ଡି ବ୍ଲକ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତା ଚୟନ ଏବଂ ଦାୟିତ୍ୱର ଘୋଷଣା କରାଯାଇଥିଲା। ଚନ୍ଦାହାଣ୍ଡି ବ୍ଲକ ସଭାପତି ଭାବେ ସରୋଜ ଆଗସ୍ତି, ବ୍ଲକ ସମ୍ପାଦକ ପିକୁନ ବିଷୋୟୀ, ଉପ ସଭାପତି ରାଧାରମଣ ପାଢ଼ୀ, ବ୍ଲକ ଉପସମ୍ପାଦକ ମନୋଜ ପାଣ୍ଡି ମନୋନିତ ହୋଇଛନ୍ତି। ସେହିଭଳି ବଜରଙ୍ଗ ଦଳର ବ୍ଲକ ପ୍ରମୁଖ ଭାବରେ ଶୁଭମ ମାଝୀ, ବ୍ଲକ ସହ ପ୍ରମୁଖ କୈଳାଶ ଜାଲି ମନୋନୀତ ହୋଇଛନ୍ତି। ସଭାରେ ଚନ୍ଦାହାଣ୍ଡି ବ୍ଲକର ସମସ୍ତ ପଞ୍ଚାୟତର ହିନ୍ଦୁ ପରିଷଦର ଏବଂ ବଜରଙ୍ଗ ଦଳ କର୍ମକର୍ତ୍ତା ଯୋଗଦେଇଥିଲେ । ନିଖିଲ, ଆକାଶ, ରାଜା ରଥ,ବାଲାଜୀ, କହ୍ନାଇ ବାପୁନି, ହୃଷୀକେଶ, ଓମ, ଲିପୁନ, ଲିପୁନ ଗଣ୍ଡା, ବାପୁଜୀ, ମନୋଜ, ପ୍ରଫୁଲ୍ଲ, ତରୁଣ, ଲୋକେଶ୍ୱର, ମିତ୍ର, ମାଧବ, ଦେବାଶିଷ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚନ୍ଦାହାଣ୍ଡି କଲେଜ ଅଧାପକ, କର୍ମଚାରୀ ସଂଘର ସ୍ୱନକ୍ଷତ୍ର ଦିବସ

ଚନ୍ଦାହାଣ୍ଡି,୨।୭ (ଦିଲୀପ ଦାସ )

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ସଦର ମହକୁମାସ୍ଥିତ ପାନାବେଡ଼ା ମହାବିଦ୍ୟାଳୟଠାରେ ୬୬୨ ବର୍ଗ ଓଡ଼ିଶା କଲେଜ ଅଧାପକ ଓ କର୍ମଚାରୀ ସଂଘର ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଏହି ସଭାରେ ଅରୁଣ କୁମାର ହୋତା, ଅନୀଲ କୁମାର ପୁଷ୍ଟି, ନଳିନୀ କୁମାର ଦାସ, ବିଶିକେଶନ ପାଢ଼ୀ, ଦ୍ୱାରିକାନାଥ ବାଘ, ଦିଲୀପ କୁମାର ଲେଙ୍କା, ବିଶ୍ୱରଞ୍ଜନ ପଣ୍ଡା, ମକର ନାୟକ, ତ୍ରିଜନ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ହରିଶ୍ଚନ୍ଦ୍ର ସାହୁ, ଶ୍ୟାମଲାଲ ସାହୁ, ଦଇତାରୀ ମିଶ୍ର, ମନଧର ବାଘ, ଦେଓସରଣ ସାହୁ, ପୁଷ୍ପଦ୍ୱଜ ଧୁରୁଆ ଏବଂ ସମସ୍ତ ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଉପସ୍ଥିତ ଅଧାପକ ଓ କର୍ମଚାରୀମାନେ ସେମାନଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି।

ସୂଚନା ଯୋଗ୍ୟ, ୪ଦଫା ଦାବି ନେଇ ୬୬୨ ସଂଘ ଦୀର୍ଘ ୧୪୦ଦିନ ଧରି ଭୁବନେଶ୍ୱର ଗାନ୍ଧୀ ମାର୍ଗ ଉପରେ ବସିଥିବା ସତ୍ତ୍ୱେ ସରକାର କଲେଜ ସଂଘର ଦାବିକୁ ଏ ପର୍ଯ୍ୟନ୍ତ ପୂରଣ କରିନାହାନ୍ତି। ସମାନ କାମକୁ ସମାନ ଦରମା, ଅବସରକାଳୀନ ଭତ୍ତା ପ୍ରଦାନ କରାଯାଉ ନ ଥିବାରୁ ଉପସ୍ଥିତ ଅଧାପକ ଓ କର୍ମଚାରୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଦୀର୍ଘଦିନ ଧରି ଚାଲିଥିବା ଶୃଙ୍ଖଳିତ ଆନ୍ଦୋଳନ ପ୍ରତି ସରକାର ଦୃଷ୍ଟି ଦେଉ ନଥିବାରୁ ସଂଘର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାଙ୍କ ଆଗାମୀ କାର୍ଯ୍ୟପନ୍ଥା ନବରଙ୍ଗପୁର ଜିଲ୍ଲା ସଂଘ ପୂର୍ଣ୍ଣ ସମର୍ଥନ ଦେବ ବୋଲି ମତ ପ୍ରକାଶ କରିଛନ୍ତି।


ସଂଘର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଉପସ୍ଥିତ ଅଧାପକ ଓ କର୍ମଚାରୀ।

# 'ଓଡ଼ିଆ ଭାଷାର ସୁରକ୍ଷା, ସମୃଦ୍ଧି' ସମ୍ପର୍କିତ ଆଲୋଚନାଚକ୍ର

**ଜିଲାସ୍ତରୀୟ ସାରସ୍ୱତ ସମାରୋହ**

ନବରଙ୍ଗପୁର,୨।୭ (ସଦାଶିବ ପ୍ରହରାଜ)



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଓଡିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ନବରଙ୍ଗପୁର ଜିଲାସ୍ତରୀୟ ସାରସ୍ୱତ ସମାରୋହ ରବିବାର ଧୋଡ୍ରାଠାରେ ଥିବା ସହିଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନ କବିତା ପାଠୋତ୍ସବ ଓ ଦ୍ୱିତୀୟ ଅଧିବେଶନରେ ପୁସ୍ତକ ଉନ୍ମୋଚନ ଓ ତୃତୀୟ ଅଧିବେଶନ ଆଲୋଚନା ଚକ୍ର କରାଯାଇଥିଲା। ଅତିଥିମାନେ 'ଉପାନ୍ତ ଅଞ୍ଚଳର ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧି' ଉପରେ ଆଲୋଚନା କରିଥିଲେ ।

ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ର କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ନିମନ୍ତ୍ରିତ ଅତିଥି ଭାବେ ସମାଜସେବୀ ଜଗନ୍ନାଥ ମହାପାତ୍ର, ଡ. ସୁରେନ୍ଦ୍ର ନାଥ ଦାସ, ହେମଲତା ମାଝୀ, ଆଶୁତୋଷ ପାତ୍ର, ବିଜୟ କୁମାର ଚୌଧୁରୀ, ରାମ ପ୍ରସାଦ ପାତ୍ର, ଶ୍ରୀନିବାସ ପଟ୍ଟନାୟକ, କେଦାରେଶର ପଟ୍ଟନାୟକ ଉପସ୍ଥିତ ଥିଲେ। ଶେଷରେ ବଲ୍ଲଭ କୁମାର ରାଉତଙ୍କ ଦ୍ୱାରା ସଂକଳିତ ଓ ଜଗନାଥ ମହାପାତ୍ରଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ 'ସୃଜନ ଛବିରେ ଅମୃତ କବି' ଓ ବଲ୍ଲବ ରାଉତଙ୍କ ଦ୍ୱାରା ଲିଖିତ ରାମ ପ୍ରସାଦ ପାତ୍ରଙ୍କ ଦ୍ୱାରା ପ୍ରକାଶିତ 'ନିଜସ୍ୱ ପ୍ରତିବିମ୍ବରେ ନବରଙ୍ଗପୁର', 'ଗଦ୍ୟ ସମ୍ଭାର' ଓ 'ଦୃଷ୍ଟି ଓ ସୃଷ୍ଟି' ୪ ଟି ପୁସ୍ତକ ଉନ୍ମୋଚନ ହୋଇଥିଲା । କବି ବଂଶୀଧର ଭୂୟାଁ ଧନ୍ୟବାଦ ଅର୍ପଣ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କବି ରତିକାନ୍ତ ଦୁବେ ମଞ୍ଚ ସଂଯୋଜନା କରିଥିଲେ। ତୃତୀୟ ଅଧିବେଶନ ଆଲୋଚନା ଚକ୍ର ପ୍ରଭାସିନି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ଅତିଥି ଭାବେ ଡ. ପ୍ରଦୀପ କୁମାର ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ସ୍ୱପ୍ନା ମହାନ୍ତି ଓ ଅଲୋଚକ ଗୁଟୁ ବାବୁ ପଟ୍ଟନାୟକ, ଅଧାପକ ଗୋପାଳ ମହାରଣା, ଡ. ଶେଷାନନ୍ଦ ମିଶ୍ର, ସାଇମନ ବିଡିକା ଓ ସଂଯୋଜକ ଭାବେ ପ୍ରଫୁଲ୍ଲ କୁମାର ରାଉତ ଯୋଗଦେଇ 'ଉପାନ୍ତ ଅଞ୍ଚଳର ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧି' ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ନରେନ୍ଦ୍ର କୁମାର ରାଉତ ପରିଚାଳନା କରିଥିଲେ । ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିବେକାନନ୍ଦ ପଟ୍ଟନାୟକ, ସର୍ଣ୍ଣଲତା ପଟ୍ଟନାୟକ, ସାଗର କୁମାର ପରିଡା, ବଙ୍କିମ ଚନ୍ଦ୍ର ମଣ୍ଡଳ ସଂଯୋଜନା କରିଥିଲେ।

